R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୪୭
ତିଥି : ଦ୍ୱାଦଶୀ
୨୧ ନଭେମ୍ବର ୨୦୨୬, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXXI, No. 47
21 November 2026, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

ଆପଣଙ୍କ ମହତ କାର୍ଯ୍ୟ, ଦୂରଦୃଷ୍ଟି, ଏକନିଷ୍ଠ ଉଦ୍ୟମ, ଧୈର୍ଯ୍ୟ ଏବଂ ବିନମ୍ର ବ୍ୟବହାର - ରୁଚି ପରିବାର, ଓଡ଼ିଶା ତଥା ସମଗ୍ର ଦେଶବାସୀଙ୍କ ପାଇଁ ପ୍ରେରଣା ଓ ମାର୍ଗଦର୍ଶକ ହୋଇ ରହିବ ।

ଆପଣଙ୍କ ସ୍ମୃତି : ଚିର ସ୍ମରଣୀୟ... ସଦା ବନ୍ଦନୀୟ....



ଓଡ଼ିଶାର ମସଲା ସମ୍ରାଟ

ସ୍ୱର୍ଗତଃ ଡ଼କ୍ଟର ଶରତ କୁମାର ସାହୁ

ଆବିର୍ଭାବ : ତା ୧୪.୦୬.୧୯୫୦ । ତିରୋଧାନ : ତା ୦୨.୧୧.୨୦୨୫

ପ୍ରଥମ ବାର୍ଷିକ ପୁଣ୍ୟତିଥି

୨୧ ନଭେମ୍ବର ୨୦୨୬

RUCHI FOODLINE TM Since 1976 Karlo Dosti Sehat Se...

FROZIT Bread | Cake | Savouries | Coffee | Coolers

FarrmB Super healthy, Super tasty

RUCHI Tea Dum Hardam

RUCHI PRATIVA FOUNDATION RUCHI ESTD. - 1976 KATAKA



ছুটি ছাড়া ছুটি

রান্নাঃ- খড় ঘড়া, চক ডাল পনেরাত ঘটো, ডাল ঝাল পেঁয়াজ পেঁয়াজ, ডাল ঝাল পেঁয়াজ ঘটো, ডাল মসা ঘটো, মরিচগুড়ো, ডাল । **প্রণালী-** ডালিখ ঘাড়ের পরিমাণ ঘটো ও ডাল ঘণ্টে চিনেছু । ঘন্টোর ঘাড়ে ঘটো ও ডাল ঘণ্টে শদ্য পদার্থ পদ্ধা চিনাম ঙ্গমন্ত ঘন্টে চিনেছু । ঘাড়ের ঘাড়ে ঘটো ও ডাল পেঁয়াজ ঘাড়ে ঘাড়ে ঙ্গমন্ত ঘন্টে চিনেছু । ঘন্টে ঘাড় ঙ্গম পদ্ধা ঘাড়ে ঘাড়ে । ঘন্টে ঘাড় ঙ্গম পদ্ধা ঘাড়ে ঘাড়ে । ঘন্টে ঘাড় ঙ্গম পদ্ধা ঘাড়ে ঘাড়ে ।

ছাতের ঘাড়ের ঘাড়ে ঘাড়ে ঘাড়ে

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୪୭
ତିଥି: ଦ୍ୱାଦଶୀ
୨୧ ନଭେମ୍ବର ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXXI, No. 47
21 November 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur



ଦୁର୍ବଳ ହେଲା ବାତ୍ୟା, ଆଜିଠୁ ଫିଟିବ ପାଗ



ଭୁବନେଶ୍ୱର, ୨୦।୧୧ (ସବ୍ୟୁ): ବାତ୍ୟା ଅକୱାନ ଗୋପାଳପୁର ନିକଟରେ ସ୍ଥଳଭାଗ ଛୁଇଁବା ଦୁର୍ବଳ ହୋଇଛି । ଏହା ଦୁର୍ବଳ ହେବା ସହିତ ଓଡ଼ିଶାରେ ଭିତରେ ପ୍ରବେଶ କରିଛି। ଏହା ପ୍ରଭାବରେ ସାରା ରାଜ୍ୟରେ ତୁହାକୁ ତୁହା ବର୍ଷା ଲାଗି ରହିଛି । ତେବେ ସନ୍ଧ୍ୟାରୁ ଉପକୂଳ ଅଞ୍ଚଳରେ ବର୍ଷା କମିଛି । ଆସନ୍ତାକାଲି(ଶନିବାର)

ଦୁଇଦିନ ପରେ ବଢ଼ିବ ଶୀତ

ଗଞ୍ଜାମରେ ସର୍ବାଧିକ ୨୦୦ ମିମି ବର୍ଷା

ଋଷିକୁଲ୍ୟା, ବଂଶଧାରାରେ ବନ୍ୟା ଆଶଙ୍କା ନାହିଁ

ରାଜ୍ୟରେ ପାଗ ଫିଟିବ । ଦୁଇଦିନ ପରେ ଶୀତ ବଢ଼ିବ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଜ୍ଞାନୀ ।

ପାଣିପାଗ ବିଭାଗର କହିବାନୁସାରେ, ଅକୱାନ ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ବର୍ଷା ହୋଇଛି । ଗଞ୍ଜାମ ଜିଲ୍ଲାର ପାତ୍ରପୁରରେ ୨୦୯ ମିମି ବର୍ଷା ହୋଇଥିବା ବେଳେ ହିଞ୍ଜିଳିରେ ୨୦୬ ମିମି, ବ୍ରହ୍ମପୁରରେ ୨୦୦ ମିମି, ଚିକିଟିରେ ୧୯୮ ମିମି, ଗୋପାଳପୁରରେ ୧୮୯ ମିମି, କୁକୁଡ଼ାହାଣ୍ଡିରେ ୧୬୩ ମିମି, ପୁରୁଷୋତ୍ତମପୁରରେ ୧୫୧ ମିମି, ଛତ୍ରପୁରରେ ୧୩୯ ମିମି, ଆସ୍କାରେ ୧୩୬ ମିମି, ଦିଗପହଣ୍ଡିରେ ୧୩୨ ମିମି, ପୋଲସରାରେ ୧୨୧ ମିମି, କୋଦଳାରେ ୧୧୨ ମିମି, ରଙ୍ଗେଇଲୁଣ୍ଡାରେ ୧୦୭ ମିମି, ସାନଖେମୁଣ୍ଡିରେ ୧୦୦ ମିମି, ଭଦ୍ରକ ଜିଲ୍ଲାର ଚାନ୍ଦବାଲିରେ ୧୧୯ ମିମି, ତିହିଡ଼ିରେ ୧୦୦ ମିମି ବର୍ଷା ରେକର୍ଡ ହୋଇଛି । ଜଗତସିଂହପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ପୁରୀ, କଟକ, ମୟୂରଭଞ୍ଜ, ବାଲେଶ୍ୱର, ଗଜପତି, କନ୍ଧମାଳ ଓ ଭୁବନେଶ୍ୱରରେ ୧୦୦ ମିମି ଭିତରେ ବର୍ଷା ରେକର୍ଡ କରାଯାଇଛି ।

ବାତ୍ୟା ପ୍ରଭାବରେ ଗଞ୍ଜାମ ଜିଲ୍ଲାର ପାତ୍ରପୁର, ଛତପୁର, ଗଞ୍ଜାମ ଓ କୋରାପୁଟର ଜାତୀୟ ରାଜପଥରେ ଗଛ ଉପୁଡ଼ି ପଡ଼ିଥିବା ବେଳେ ଏହା ଓଡ୍ରାଫ ଓ ଅଗ୍ନିଶମ ଟିମ ଗଛ କାଟି ସଫା କରିଥିଲେ। କେତେକ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଥିଲା । (୯ ପୃଷ୍ଠାରେ)

ବିଶ୍ୱଶାନ୍ତିର ବଡ଼ ଆଧାର ସଭ୍ୟତାଗତ ସମ୍ପର୍କ: ମୋଦୀ



ନୂଆଦିଲ୍ଲୀ, ୨୦।୧୧: ବିଶ୍ୱର ବିଭିନ୍ନ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧ ଓ ସଂଘର୍ଷ ମଧ୍ୟରେ ବିଶ୍ୱଶାନ୍ତି ଓ ସମୃଦ୍ଧି ପାଇଁ ସଭ୍ୟତାଗତ ସମ୍ପର୍କ, ପାରସ୍ପରିକ ସଦ୍‌ଭାବ ଏବଂ ସହଯୋଗ ସବୁଠୁ ଦୃଢ଼ ଆଧାର ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଶୁକ୍ରବାର ନୂଆଦିଲ୍ଲୀର ପୁରାଣ କିଲ୍ଲାଠାରେ ତିନିଦିନିଆ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସଭ୍ୟତାଗତ ସଂଳାପ ମଞ୍ଚକୁ ଉଦ୍‌ଘାଟନ କରି ସେ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପାକିସ୍ତାନର କେନ୍ଦ୍ରମନ୍ତ୍ରୀ ମୁସାଦିକ୍ ମସୁଦ୍ ମଲିକ୍ ମଧ୍ୟ ଯୋଗ ଦେଇଥିଲେ।

ସମାବେଶକୁ ସମ୍ବୋଧିତ କରି ମୋଦୀ କହିଥିଲେ, ସାମ୍ରାଜ୍ୟଗୁଡ଼ିକ ବିଶ୍ୱର ମାନଚିତ୍ର ବଦଳାଇଥିବାବେଳେ ସଭ୍ୟତାଗତ ସଂଳାପ ବିଶ୍ୱର ଚିନ୍ତାଧାରାକୁ ପରିବର୍ତ୍ତନ ଓ ସମୃଦ୍ଧ କରିଛି। ତେଣୁ ଏସ୍‌ସିଓ ସଭ୍ୟତାଗତ ସଂଳାପ ମଞ୍ଚ କେବଳ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ସୀମିତ ନରହି ବିଶ୍ୱକୁ ନୂଆ ଦିଗ୍‌ଦର୍ଶନ ଦେବାର ମଞ୍ଚ ହୋଇପାରିବ।

ଭାରତୀୟ ସଂସ୍କୃତିର 'ବସୁଧୈବ କୁଟୁମ୍ବକମ୍' ଦର୍ଶନର ଉଦାହରଣ ଦେଇ ସେ କହିଥିଲେ, ସମଗ୍ର ବିଶ୍ୱ ଗୋଟିଏ ପରିବାର। ବ୍ୟକ୍ତିଗତ କଲ୍ୟାଣ ସହ ବିଶ୍ୱର ସାମଗ୍ରିକ ମଙ୍ଗଳ ଚିନ୍ତା ମଧ୍ୟ ଭାରତୀୟ ସଂସ୍କୃତିର ମୂଳ ଆଧାର। ପାରସ୍ପରିକ ସଦ୍‌ଭାବକୁ ବିଶ୍ୱକଲ୍ୟାଣର ମୂଳଦୁଆ ଭାବେ ଗ୍ରହଣ (୯ ପୃଷ୍ଠାରେ)

ଡିସେମ୍ବର ୩, ୪କୁ ଘୁଞ୍ଚିଲା ଏସ୍‌ଏସ୍‌ବି ପରୀକ୍ଷା

ଭୁବନେଶ୍ୱର, ୨୦।୧୧ (ସବ୍ୟୁ) : ବାତ୍ୟା ଅକୱାନର ପ୍ରଭାବକୁ ଦୃଷ୍ଟିରେ ରଖି ନଭେମ୍ବର ୨୧ ଓ ୨୩ ତାରିଖରେ ଏସ୍‌ଏସ୍‌ବି ପକ୍ଷରୁ ଜୁନିୟର ଆସିଷ୍ଟାଣ୍ଟ ଓ ଜୁନିୟର କ୍ଲର୍କ ପଦବୀ ପାଇଁ ଅନୁଷ୍ଠିତ ହେବାକୁ ଥିବା ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଥିଲା। ଉକ୍ତ ପରୀକ୍ଷାକୁ ଅନୁଷ୍ଠିତ କରିବା ପାଇଁ ଆଜି ଏସ୍‌ଏସ୍‌ବି ପକ୍ଷରୁ ନୂତନ ତାରିଖ ପ୍ରକାଶିତ ହୋଇଛି।

ଜୁନିୟର ଆସିଷ୍ଟାଣ୍ଟ ଓ ଜୁନିୟର କ୍ଲର୍କ ପଦବୀ ପାଇଁ ନଭେମ୍ବର ୨୧ ଓ ୨୩ ତାରିଖ ପରିବର୍ତ୍ତେ ଡିସେମ୍ବର ୩ ଓ ୪ ତାରିଖ ଦିନ ପରୀକ୍ଷା ଅନୁଷ୍ଠିତ ହେବ। ଏଥିସହ ପୂର୍ବରୁ ଏସ୍‌ଏସ୍‌ବି ପକ୍ଷରୁ ନିର୍ଦ୍ଧାରିତ ଥିବା ନଭେମ୍ବର ୨୫, ନଭେମ୍ବର ୨୭, ଡିସେମ୍ବର ୧ ଓ ଡିସେମ୍ବର ୨ ତାରିଖ ଦିନ ମଧ୍ୟ ଜୁନିୟର ଆସିଷ୍ଟାଣ୍ଟ ଓ ଜୁନିୟର କ୍ଲର୍କ ପଦବୀ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ।

ସମସ୍ତ ପରୀକ୍ଷାର୍ଥୀମାନେ ନଭେମ୍ବର ୨୧ ତାରିଖ ରାତି ୮ ଘଟିକା ଠାରୁ ଏସ୍‌ଏସ୍‌ବି ୱେବ୍‌ସାଇଟକୁ ଯାଇ ପରୀକ୍ଷା ପାଇଁ ନିଜର ଆଡ଼ମିଟ୍ କାର୍ଡ ଡାଉନଲୋଡ଼ କରିପାରିବେ, ଏନେଇ ଏସ୍‌ଏସ୍‌ବି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ତିନିଦିନ ହେବ ଚାଲୁନି ଗୃହ

ଭୁବନେଶ୍ୱର, ୨୦।୧୧ (ସବ୍ୟୁ) : ଶୀତ ଅଧିବେଶନ ତିନିଦିନରେ ଘଣ୍ଟାଏ ବି ଚାଲିପାରୁନି ଗୃହ । ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳରେ ଅଚଳ ହେଉଛି ଗୃହ।

- ବନ୍ୟା, କୋଟିଆ ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ
- ବାତ୍ୟା ଲାଗି ସୋମବାର ଯାଏଁ ଗୃହ ମୁଲତବୀ
- ନିଜ ନିଜ ପ୍ରଭାବିତ ଅଞ୍ଚଳକୁ ଯିବେ ମନ୍ତ୍ରୀ, ବିଧାୟକ

ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ଆଲୋଚନା ହୋଇପାରୁ ନାହିଁ । ଏପରିକି ଅପରାହ୍ନ କାର୍ଯ୍ୟ ବି ବାଧାପ୍ରାପ୍ତ ହେଉଛି । ଗୃହ କାର୍ଯ୍ୟ ସ୍ୱାଭାବିକ ନହେବାରୁ ବାରମ୍ବାର ମୁଲତବୀ କରିବାକୁ ପଡୁଛି। ଆଜି ବି ଗୃହରେ ସମାନ ସ୍ଥିତି ଦେଖାଦେଇଥିବା ବେଳେ ବାତ୍ୟା ଅକୱାନ ଲାଗି ପୂର୍ବାହ୍ନ ୧୧.୩୧ରୁ ସୋମବାର ସାଢ଼େ ୧୦ଟା ଯାଏଁ ଗୃହକୁ ମୁଲତବୀ ରଖିଛନ୍ତି ବାଚସ୍ପତି ।

ଶୁକ୍ରବାର ପ୍ରଶ୍ନକାଳ ଆରମ୍ଭ ହେବା କ୍ଷଣି ବିଜେଡି ଓ କଂଗ୍ରେସ ସଦସ୍ୟମାନେ ହାତରେ ପ୍ଲାକାର୍ଡ ଓ ପୋଷ୍ଟର ଧରି ଗୃହ ମଧ୍ୟଭାଗକୁ ମାଡ଼ି ଆସିଲେ । ବିଜେଡିର ଅର୍ଣ୍ଣବ ବାତ୍ୟା ପ୍ରଭାବରେ ବନ୍ୟା ପ୍ରସଙ୍ଗ ଉଠାଇ ଗୃହକୁ କମ୍ପାଇଥିଲେ । ସେପଟେ କଂଗ୍ରେସ ସଦସ୍ୟମାନେ କୋଟିଆ ସୀମା ବିବାଦରେ ପ୍ରବଳ ହଙ୍ଗମା କରିଥିଲେ । ଉଭୟ ବିରୋଧୀଙ୍କ ହଟ୍ଟଗୋଳରେ ଦୁଇଟି ଭିନ୍ନ ଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ମନ୍ତ୍ରୀ । ଏହି ସମୟରେ ବିଜେଡି ସଦସ୍ୟ ଧ୍ରୁବ ଚରଣ ସାହୁ ଓ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ରିପୋର୍ଟର୍ସ ଟେବୁଲ ଉପରେ ଚଢ଼ି ଯାଇ ପ୍ରତିବାଦ (୯ ପୃଷ୍ଠାରେ)

ଫ୍ଲାପ୍ସେଲ କଇଁଛ ଚାଲାଣ ଉଦ୍ୟମ ପଣ୍ଡ

ମାଲକାନଗିରି, ୨୦।୧୧ (ସବ୍ୟୁ): ବନ୍ୟପ୍ରାଣୀ ଚାଲାଣ ଉପରେ ରୋକ ଲଗାଇବାକୁ ବନ ବିଭାଗର ଅଭିଯାନ ଜାରି ରହିଥିବାବେଳେ ମାଲକାନଗିରି ଜିଲ୍ଲାର କାଲିମେଳା ଅଞ୍ଚଳରୁ ୩୯୦ଟି ଭାରତୀୟ ଫ୍ଲାପ୍ସେଲ ପ୍ରଜାତିର କଇଁଛ ଜବତ ହୋଇଛି । ବେଆଇନ ଭାବେ କଇଁଛ ମହଜୁଦ ରଖିବା ଓ ବାଣିଜ୍ୟ ଉଦ୍ଦେଶ୍ୟରେ ଚାଲାଣ କରାଯାଉଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ କାଲିମେଳା ବନ ବିଭାଗର କର୍ମଚାରୀମାନେ ଚଢ଼ାଉ କରି ଏହି ସଫଳତା ହାସଲ କରିଛନ୍ତି । ଏଥିସହ ଚାଲାଣରେ ବ୍ୟବହୃତ ଏକ ମହିନ୍ଦ୍ରା ବୋଲେରୋ ଗାଡ଼ିକୁ ମଧ୍ୟ ଜବତ କରାଯାଇଛି ।

ସୂଚନା ଅନୁଯାୟୀ, ଶୁକ୍ରବାର କାଲିମେଳା ବନ ବିଭାଗର ଏକ ଟିମ ଏମଭି-୭୪ସ୍ଥିତ କୁୟାର ସାହି ନିକଟରେ ଏକ ସ୍ୱତନ୍ତ୍ର ଚଢ଼ାଉ (୯ ପୃଷ୍ଠାରେ)



୩ ଡାକ୍ତର ନିଲମ୍ବିତ

ଭୁବନେଶ୍ୱର, ୨୦।୧୧ (ସବ୍ୟୁ): ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୩ ଜଣ ଡାକ୍ତରଙ୍କୁ ନିଲମ୍ବିତ କରାଯାଇଛି । ନିଲମ୍ବିତ ହୋଇଥିବା ଡାକ୍ତର ମାନେ ହେଲେ ଡା. ପ୍ରଭାକର ବେହେରା, ମେଡିକାଲ ଅଫିସର, ସିଏଚସି ଗମ୍ଭାରୀମୁଣ୍ଡା, ଖୋର୍ଦ୍ଧା ଜିଲ୍ଲା, ଡା. ତମନ୍ନା ପ୍ରିୟଦର୍ଶିନୀ, ମେଡିକାଲ ଅଫିସର, ପିଏଚସି ଗାଜଲବାଡ଼ି, ଗଞ୍ଜାମ ଜିଲ୍ଲା ଏବଂ ଡା. ସୁପ୍ରକାଶ ଦାସ, ମେଡିକାଲ ଅଫିସର, ସିଏଚସି ଆସିକା, ଗଞ୍ଜାମ ଜିଲ୍ଲା । ସମ୍ପୃକ୍ତ ଡାକ୍ତରମାନଙ୍କ ବିରୋଧରେ ଶୃଙ୍ଖଳାଗତ ତଦନ୍ତ ପ୍ରକ୍ରିୟା ବିଚାରାଧୀନ ଥିବାରୁ ଓଡ଼ିଶା ସିଭିଲ ସର୍ଭିସେସ (ସିସିଏ) ନିୟମାବଳୀ, ୧୯୬୨ର ନିୟମ-୧୨ ଅନୁଯାୟୀ ସେମାନଙ୍କୁ ନିଲମ୍ବନ କରାଯାଇଛି । (୯ ପୃଷ୍ଠାରେ)

ପାକିସ୍ତାନକୁ ନେଇ ଭାରତର ଆଭିମୁଖ୍ୟ ସ୍ପଷ୍ଟ କଲେ ରାହୁଲ

ଆତଙ୍କବାଦକୁ ପ୍ରୋତ୍ସାହନ ଲାଗି ଆଲୋଚନା ସମ୍ଭବ ନୁହେଁ



ନୂଆଦିଲ୍ଲୀ, ୨୦।୧୧ : ପାକିସ୍ତାନ ସହ ଭାରତର ସମ୍ପର୍କରେ ଉନ୍ନତି ଆଣିବା ଏବଂ ଦୁଇ ଦେଶ ମଧ୍ୟରେ ସହଯୋଗର ନୂଆ ବାଟ ଖୋଲିବାର ସୁଯୋଗ ରହିଛି। କିନ୍ତୁ ପାକିସ୍ତାନ ଭାରତ ବିରୋଧରେ ଆତଙ୍କବାଦକୁ ସମର୍ଥନ ଓ ପ୍ରୋତ୍ସାହନ ଦେଉଥିବା ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ଆଲୋଚନା ସମ୍ଭବ ନୁହେଁ ବୋଲି କହିଛନ୍ତି କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଆମେରିକାର ଚିକାଗୋ ବିଶ୍ୱବିଦ୍ୟାଳୟରେ ବୁଧବାର ଏକ ଆଲୋଚନା କାର୍ଯ୍ୟକ୍ରମରେ ଜଣେ ପାକିସ୍ତାନୀ ଛାତ୍ରଙ୍କ ପ୍ରଶ୍ନର ଉତ୍ତରରେ ସେ ଏହା କହିଛନ୍ତି।

ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏହି ଆଲୋଚନାକୁ ଆମେରିକାର ଜଣାଶୁଣା ରାଜନୈତିକ ବିଜ୍ଞାନୀ ପ୍ରଫେସର ରବର୍ଟ ପେପ୍ ପରିଚାଳନା କରିଥିଲେ। ଏଥିରେ ଖୁଶ୍ ନାମକ ଜଣେ ପାକିସ୍ତାନୀ ଛାତ୍ର ପ୍ରଶ୍ନ କରିଥିଲେ ଯେ, ଭାରତ ଓ ପାକିସ୍ତାନ କ'ଣ ପରସ୍ପର ମଧ୍ୟରେ ଦୋଷାରୋପ ବନ୍ଦ କରି ସାଧାରଣ ସ୍ୱାର୍ଥ ପାଇଁ ଏକାଠି କାମ କରିପାରିବେ? ଏହାର ଉତ୍ତରରେ ରାହୁଲ କହିଥିଲେ, ଏଥିପାଇଁ ସୁଯୋଗ ରହିଛି। କିନ୍ତୁ ପାକିସ୍ତାନ ପକ୍ଷରୁ ଭାରତରେ ଆତଙ୍କବାଦକୁ (୯ ପୃଷ୍ଠାରେ)





ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିୟନ୍ତ୍ରଣ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାତ୍ୟା ଅକ୍ୱାନ'ର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଅନୁଧ୍ୟାନ କରିବା ସହ ସରକାରଙ୍କ ମୁକାବିଲା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରୁଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଅଛନ୍ତି ।

କଟକ ଜିଲ୍ଲାରେ ହାରାହାରି ୪୦.୬୭ ମି. ମି, ସାଲେପୁର ରେ ସର୍ବନିମ୍ନ ୨୪ ମି.ମି ବର୍ଷା

କଟକ, (ସବୁ୍): କଟକ ଜିଲ୍ଲାରେ ବାତ୍ୟା ଆକଓାନ ପ୍ରଭାବରେ ଆଜି ପ୍ରବଳ ବର୍ଷା ହୋଇଛି । ଜିଲ୍ଲାରେ ଆଜି ହାରାହାରି ୪୦. ୬୭ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ମୋଟ ୬୯୧. ୭ମିଲିମିଟର ବର୍ଷା ହୋଇଥିବା ଜଣାପଡିଛି । ନିଶ୍ଚିନ୍ତକୋଇଲି ବ୍ଲକରେ ସର୍ବାଧିକ ୭୬ ମି.ମି. ବର୍ଷା ରେକର୍ଡ ହୋଇଛି । ଏହା ପଛକୁ ଟାଙ୍ଗୀ-ଚୌଦ୍ୱାରରେ ୫୬ ମି.ମି. ଏବଂ ବାଙ୍କୀ-ଡମପଡ଼ା ଓ ନିଆଳିରେ ପ୍ରତ୍ୟେକ ୪୫ ମି.ମି. ଲେଖାଏଁ ବର୍ଷା ହୋଇଛି । କଟକ ସଦରରେ ୪୩ ମି.ମି.,ବାରଙ୍ଗରେ ୪୧ ମି.ମି., କଣ୍ଟାପଡ଼ାରେ ୩୭ ମି.ମି.,ଆଠଗଡ଼ରେ ୩୬ ମି.ମି.,ବଡ଼ମ୍ବାରେ ୩୪ ମି.ମି.,ମାହାଙ୍ଗାରେ ୩୩ ମି.ମି., ତିଗିରିଆରେ ୨୮ ମି.ମି., ନରସିଂହପୁରରେ ୨୭ ମି.ମି. ଓ ସାଲେପୁରରେ ୨୪ ମି.ମି. ବର୍ଷା ରେକର୍ଡ଼ କରାଯାଇଛି । କଟକ ସହରାଞ୍ଚଳର ବିଭିନ୍ନ ଷ୍ଟେସନ ମଧ୍ୟରେ ମର୍କଟନଗର ସେକ୍ଟର ୬ରେ ୪୨. ୫ମିମି, ଚୌଧୁରୀ ବଜାର ସହିଦ ଭବନରେ ୩୮. ୮ମିମି, ବିକାଶଭବନ ବାଦାମବାଡ଼ିରେ ୩୧. ୮ମିମି ଓ ଓଏମପି ଠାରେ ୩୦. ୬ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ସମଗ୍ର ତାଲିକାରେ ସାଲେପୁରରେ ସବୁଠାରୁ କମ୍ ୨୪ ମି.ମି. ବର୍ଷା ରେକର୍ଡ କରାଯାଇଛି । ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏହି ବର୍ଷା ପାଇଁ ବ୍ୟାପକ ଫସଲ ହାନି ଆଶଙ୍କା କରାଯାଉଛି ।

ରାଜ୍ୟର ବନ୍ୟା ପରିସ୍ଥିତି ସମୀକ୍ଷା କଲେ ପ୍ରମୁଖ ଶାସନ ସଚିବ

ବର୍ଷା, ଜଳଭଣ୍ଡାରର ଜଳସ୍ତର ଓ ଜଳ ନିଷ୍କାସନ ଉପରେ ନିରନ୍ତର ନଜର ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବୁ୍): ସମ୍ଭାବ୍ୟ ବାତ୍ୟାର ପ୍ରଭାବ ଧୀରେ ଧୀରେ ହ୍ରାସ ପାଉଥିଲେ ମଧ୍ୟ ରାଜ୍ୟରେ ବନ୍ୟା ପରିଚାଳନା ଓ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଜଳ ସମ୍ପଦ ବିଭାଗ ପକ୍ଷରୁ ସତର୍କତା ଓ ପ୍ରସ୍ତୁତି ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଆଜି ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ରାଜ୍ୟର ବିଭିନ୍ନ ନଦୀ ଅବବାହିକାରେ ବର୍ଷା ପରିସ୍ଥିତି, ଜଳଭଣ୍ଡାରଗୁଡ଼ିକର ସ୍ଥିତି ଏବଂ ବନ୍ୟା ମୁକାବିଲା ପ୍ରସ୍ତୁତିର ସମୀକ୍ଷା କରିଥିଲେ । ବୈଠକରେ ଶ୍ରୀମତୀ ଶର୍ମା ସମସ୍ତ ମୁଖ୍ୟ ଯନ୍ତ୍ରୀ ତଥା ଅବବାହିକା ପରିଚାଳକମାନଙ୍କଠାରୁ ନିଜ ନିଜ ଅବବାହିକାରେ ହୋଇଥିବା ବର୍ଷା, ଜଳଭଣ୍ଡାରଗୁଡ଼ିକର ଜଳସ୍ତର, ଜଳ ପ୍ରବେଶ ଓ ନିଷ୍କାସନର ସ୍ଥିତି ଏବଂ ପ୍ରମୁଖ ଜଳ ଭିତ୍ତିଭୂମିର କାର୍ଯ୍ୟକ୍ଷମ ସ୍ଥିତି ସମ୍ପର୍କରେ ତଥ୍ୟ ନେଇଥିଲେ । ବର୍ଷାର ପରିବର୍ତ୍ତିତ ସ୍ଥିତି, ଜଳଭଣ୍ଡାରକୁ ଆସୁଥିବା ଜଳର ପରିମାଣ ଓ ନିଷ୍କାସିତ ଜଳ ଉପରେ ନିରନ୍ତର ନଜର ରଖିବା ସହ ପ୍ରଚଳିତ ନିୟମ ଓ ସୁରକ୍ଷା ମାନଦଣ୍ଡ ଅନୁଯାୟୀ ଜଳଭଣ୍ଡାର ପରିଚାଳନା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବାତ୍ୟାର ପ୍ରଭାବ ହ୍ରାସ ପାଉଥିଲେ ମଧ୍ୟ ବନ୍ୟା ମୁକାବିଲା ପ୍ରସ୍ତୁତିରେ କୌଣସି ପ୍ରକାର ଶିଥିଳତା ନ ଆଣିବାକୁ ଗୁରୁତ୍ୱାରୋପ କରାଯାଇଥିଲା । ଆଗାମୀ ୨୪ ଘଣ୍ଟାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦର୍ଶାଇ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଦିନରାତି ସଜାଗ ରହିବା, ଜଳ ପ୍ରବାହର ପରିବର୍ତ୍ତିତ ସ୍ଥିତି ଉପରେ ନିରନ୍ତର ନଜର ରଖିବା ଏବଂ ଯେକୌଣସି ସମ୍ଭାବ୍ୟ ବିପଦ ସମ୍ପର୍କରେ ତୁରନ୍ତ ସୂଚନା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଶେଷକରି ଜଳଭଣ୍ଡାରକୁ ହଠାତ୍ ଅଧିକ ଜଳ ପ୍ରବେଶ କରିବାର ସମ୍ଭାବନା, ତଳମୁଣ୍ଡ ଅଞ୍ଚଳର ସ୍ଥିତି ଆକଳନ ଏବଂ ଆବଶ୍ୟକ ସ୍ଥଳେ ତ୍ୱରିତ ସମନ୍ୱିତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ବାତ୍ୟାର ପ୍ରଭାବ ହ୍ରାସ ପାଉଥିଲେ ମଧ୍ୟ ରାଜ୍ୟରେ ଚବିଶ ଘଣ୍ଟିଆ ନିରୀକ୍ଷଣ, ସତର୍କତା ଓ ସମନ୍ୱିତ ପ୍ରସ୍ତୁତି ଜାରି ରହିବ ।



ଆଇଆରଡିଏଆଇ ର ଅଭିଯୋଗ ଶୁଣାଣି ଶିବିର ୨୧ରେ

ଭୁବନେଶ୍ୱର,(ସବୁ୍): ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆରଡିଏଆଇ) ଚଳିତମାସକୁ ଅଭିଯୋଗ ସମାଧାନମାସ ଭାବେ ଘୋଷଣା କରିଛନ୍ତି । ଏହି କାର୍ଯ୍ୟକ୍ରମର ଅଂଶସ୍ୱରୂପ ଭାରତର ୧୬ଟି ସହରରେ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯାଉଛି । ଜେନେରାଲ ଇନ୍ସୁରାନ୍ସ କାଉନ୍ସିଲ ତରଫରୁ ଆଇଆରଡିଏଆଇ ଦ୍ୱାରା ଓଡ଼ିଶା ରାଜ୍ୟ ପାଇଁ ମନୋନୀତ ଅଗ୍ରଣୀ ବୀମା କମ୍ପାନୀ ଭାବେ ଶ୍ରୀରାମ ଜେନେରାଲ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡ୍ ଆସନ୍ତା ୨୧ତାରିଖରେ ଭୁବନେଶ୍ୱର ଠାରେ ଅଭିଯୋଗ ଶୁଣାଣୀ ଶିବିର ଆୟୋଜନ କରୁଛି । ଭୁବନେଶ୍ୱର ସ୍ଥିତ ସ୍ୱସ୍ତି ପ୍ରିମିୟମ ହୋଟେଲ୍ ଠାରେ ଏହି ଶିବିର ଆୟୋଜିତ ହେବ । ବୀମା କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ ଅଭିଯୋଗ ସମାଧାନ ବ୍ୟବସ୍ଥା, ବିଶେଷ କରି 'ବୀମା ଲୋକପାଳ ବ୍ୟବସ୍ଥା ବିଷୟରେ ଲୋକଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରିବା ଏବଂ ଅଭିଯୋଗ ଓ ବିବାଦ ଗୁଡ଼ିକର ଶୀଘ୍ର ସମାଧାନ କରିବା ହେଉଛି ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ।

ଚୋରା ମଦ ଜବତ : ଜଣେ ଗିରଫ

ଚୌଦ୍ୱାର,(ସବୁ୍):ଚୋରା ବିଦେଶୀ ମଦ କାରବାର ଓ ଚାଲାଣ କରୁଥିବା ଜଣେ ମଦ ବ୍ୟବସାୟୀକୁ ଚୌଦ୍ୱାର ପୋଲିସ ଗିରଫ କରିବା ସହିତ ତା ନିକଟରୁ ୧୧୧ବୋତଲ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଏହିଥାନା ଅଧିନ କଖଡ଼ିର ପ୍ରଶାନ୍ତ ଦଳାଇ ଓରଫ ଗେଣ୍ଡୁ । ତା ନିକଟରୁ ବିଭିନ୍ନ ନାମିଦାମି ବ୍ରାଣ୍ଡର ବିଅର, ରମ୍, ହୁଇସ୍କି ଆଦି ୧୧୧ ବୋତଲ ମଦ ସହିତ ନଗଦ ୧୨୦୦ଟଙ୍କା ଜବତ କରାଯାଇଛି । ଏସମ୍ପର୍କରେ ଚୌଦ୍ୱାର ଥାନାରେ ୭୭୦/୨୬ରେ ଏକ ମାମଲା ରୁଜୁ କରାଯାଇ ବିଏନ୍ଏସ୍ ୧୧୧(୨)(ବି) ଓଡ଼ିଶା ଅବକାରୀ ଆଇନ୍ର ଦଫାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

ବାଲିଯାତ୍ରା ପାଇଁ ୨୨ରୁ ଡିସେମ୍ବର ୩ ପର୍ଯ୍ୟନ୍ତ ୫ କି.ମି. ପରିଧିରେ ନୋ-ଡ୍ରୋନ୍ ଜୋନ୍ ଘୋଷଣା

କଟକ,(ସବୁ୍): ଐତିହାସିକ ବାଲିଯାତ୍ରା କଟକ ୨୦୨୬ ଅବସରରେ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ବାଲିଯାତ୍ରା ପଡ଼ିଆ ଓ ଏହାର ଆଖପାଖ ୫ କିଲୋମିଟର ପରିଧିକୁ 'ନୋ ଡ୍ରୋନ୍ ଜୋନ୍' ଘୋଷଣା କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ । ଜିଲ୍ଲା ପ୍ରଶାସନ ପକ୍ଷରୁ ନଭେମ୍ବର ୨୪ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଐତିହାସିକ ବାଲିଯାତ୍ରା ଆୟୋଜନ କରାଯାଉଛି । ଗତବର୍ଷଗୁଡ଼ିକରେ ଏହି ମହୋତ୍ସବକୁ ୫୦ ଲକ୍ଷରୁ ଅଧିକ ଲୋକ ଆସୁଥିବାବେଳେ ଚଳିତ ବର୍ଷ ୬୦ ଏକରରୁ ଅଧିକ ପରିମିତ ଲୋୟର ଓ ଅପର ବାଲିଯାତ୍ରା ପଡ଼ିଆରେ ଏହାକୁ ଆହୁରି ଭବ୍ୟ ଭାବେ ଆୟୋଜନ କରାଯାଉଛି । ଏଥିରେ ବହୁ ବିଶିଷ୍ଟ ଅତିଥି ଓ ଭିଭିଆଇପି ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ନଭେମ୍ବର ୨୨ରୁ ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ନୋ-ଡ୍ରୋନ୍ ଜୋନ୍ ଅଞ୍ଚଳ ମଧ୍ୟରେ ପାରା ଗ୍ଲାଇଡର୍, ପାରା ମୋଟର୍, ପାୱାର ହ୍ୟାଙ୍ଗ ଗ୍ଲାଇଡର୍, ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ୍, ୟୁଏଭି ଏବଂ ଡ୍ରୋନ୍ ଉଡ଼ାଣକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ଏହି ଆଦେଶ ଉଲ୍ଲଂଘନ କଲେ ନିଷିଦ୍ଧ ଉପକରଣଗୁଡ଼ିକୁ ଏନଫୋରସମେଣ୍ଟ ଟିମ୍ ଜବତ କରିବା ସହ ଆଇନ ଅନୁଯାୟୀ ଦଣ୍ଡବିଧାନ କରାଯିବ । ନିର୍ଦ୍ଧାରିତ ଅଞ୍ଚଳ ଓ ସମୟସୀମା ମଧ୍ୟରେ ଏଭଳି ଉପକରଣ ବ୍ୟବହାର କରିବାକୁ ଇଚ୍ଛୁକ ବ୍ୟକ୍ତି ବା ସଂସ୍ଥାମାନେ ପୂର୍ବରୁ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନ୍ୟାୟାଳୟ ବିଭାଗରୁ ଆବଶ୍ୟକ ଅନୁମତି ନେବାକୁ କୁହାଯାଇଛି ।

ଖଣି, ଶିଳ୍ପ ଓ ଭିତ୍ତିଭୂମି କ୍ଷେତ୍ରର ପଞ୍ଚମ ଅନ୍ତର୍ଜାତୀୟ ସମ୍ମିଳନୀ ଓ ପ୍ରଦର୍ଶନୀ-୨୦୨୬

ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓଙ୍କ ଦ୍ୱାରା ସମ୍ମିଳନୀ ବ୍ରୋସିଓର ଉନ୍ମୋଚିତ

ଭୁବନେଶ୍ୱର, (ସବୁ୍): ଭାରତର ଅନ୍ୟତମ ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟ ତଥା ଦେଶର ଖଣି ଓ ଧାତୁ ଶିଳ୍ପର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ ଓଡ଼ିଶା, ଦେଶର ରେୟାର ଆର୍ଥ କରିଡରର ଏକ ପ୍ରମୁଖ ଅଂଶୀଦାର ମଧ୍ୟ । ଏହି ପରିପ୍ରେକ୍ଷୀରେ ଓଡ଼ିଶା ୫ମ ଖଣି, ଶିଳ୍ପ ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ସମ୍ମିଳନୀ ଓ ପ୍ରଦର୍ଶନୀ-୨୦୨୬ ଆୟୋଜନ ପାଇଁ ପ୍ରସ୍ତୁତ ହେଉଛି । ଏହି ସମ୍ମିଳନୀ ୨୦୨୬ ଜାନୁଆରୀ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆରେ ଆୟୋଜିତ ହେବ । ଏହି ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ଭାରତ ଓ ବିଦେଶରୁ ପ୍ରାୟ ୩୦୦ଟି କମ୍ପାନୀ ଯୋଗଦେବାର ସମ୍ଭାବନା ରହିଛି । ଏଥିରେ ପ୍ରୋପେଲ୍, ସାନି, ଭଲଭୋ, ଟାଟା ହିଟାଚି, ବିଇଏମ୍ଏଲ୍, ଆଇଆରଇଏଲ୍, ସିଆଇଏଲ୍, ଏଚ୍ଏଏଲ୍, ଏମ୍ଟିଏଲ୍, ଏମ୍ଭିଏଲ୍, ଏଚ୍ଟିସିଏଲ୍, ଡୋନାଲ୍ଡସନ୍ ଇଣ୍ଡିଆ, ହେଲଷ୍ଟୋନ୍ ଇନୋଭେସନ୍ ଓ କ୍ୟୁଗ୍ରୀନ୍ ଟେକ୍ନୋ ଭଳି ପ୍ରମୁଖ ଖଣି ଓ ଯନ୍ତ୍ରପାତି ନିର୍ମାତା କମ୍ପାନୀମାନେ ସାମିଲ ହେବେ । ୨୦ ନଭେମ୍ବର ୨୦୨୬ରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏହି ସମ୍ମିଳନୀର ବ୍ରୋଚର ଉନ୍ମୋଚନ କରିଥିଲେ । ଏହି ଅବସରରେ ଶିଳ୍ପ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଯଥା ଡଃ ତପନ ଚାନ୍ଦ, ପୂର୍ବତନ ସିଏମ୍ଡି, ନାଲକୋ; ଗଜାନନ କାଲେ, ସିଇଓ, ଟିପିସିଓଡିଏଲ୍; ସ୍ୱାମୀ ପ୍ରେମ ଅନ୍ୱେଷୀ, ସିଇଓ, ଫ୍ୟୁଚରେକ୍ସ; ମଳୟ ପାଢ଼ୀ, ଅଧ୍ୟକ୍ଷ, ନିଫ୍ଟ; ଶ୍ରୀମତୀ ଜୟଶ୍ରୀ ମହାନ୍ତି, ଏମ୍ଡି, ଲୁମିନସ୍ ଇନଫୋ ଏବଂ ସୁଧାଂଶୁ ମହାନ୍ତି, ମୁଖ୍ୟ ମହାପ୍ରବନ୍ଧକ, ଓସଗାଲ୍ ଉପସ୍ଥିତ ଥିଲେ । ଓଡ଼ିଶାକୁ ଖଣି ସମ୍ମିଳନୀର ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବା ଦିଗରେ ଶିଳ୍ପ ବିଶେଷଜ୍ଞମାନଙ୍କ ପ୍ରୟାସକୁ ଉପମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ । ଓଡ଼ିଶା ସରକାରଙ୍କ ଶିଳ୍ପ ପ୍ରୋତ୍ସାହନ ଓ ପୁଞ୍ଜିନିବେଶ ନିଗମର ସହଯୋଗରେ ଆୟୋଜିତ ଏହି ଚାରିଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଓ ପ୍ରଦର୍ଶନୀରେ ଭାରତ ତଥା ବିଦେଶର ପ୍ରମୁଖ ଖଣି କମ୍ପାନୀ, ଖଣିଜ ଉତ୍ପାଦକ, ଭାରୀ ଯନ୍ତ୍ରପାତି ନିର୍ମାତା, ଇଞ୍ଜିନିୟରିଂ କମ୍ପାନୀ, ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀ, ଭିତ୍ତିଭୂମି ବିକାଶକାରୀ, ସରକାରୀ ସଂସ୍ଥା, ନିବେଶକ, ବିଶ୍ୱବିଦ୍ୟାଳୟ ଓ ଶିଳ୍ପ ବିଶେଷଜ୍ଞମାନେ ଏକତ୍ରିତ ହେବେ । ଏହି ସଂସ୍କରଣରେ ରେୟାର ଆର୍ଥ ଓ କ୍ରିଟିକାଲ୍ ମିନେରାଲ୍ସ, ଖଣି ଉତ୍ତୋଳନ, ପ୍ରକ୍ରିୟାକରଣ ଏବଂ ମୂଲ୍ୟବୃଦ୍ଧି ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବ । ଭାରତର ରେୟାର ଆର୍ଥ କରିଡରର ଏକ ପ୍ରମୁଖ ଅଂଶୀଦାର ଭାବେ ଓଡ଼ିଶାର ଗୁରୁତ୍ୱକୁ ଦୃଷ୍ଟିରେ ରଖି, ଇଣ୍ଡିଆନ୍ ରେୟାର ଆର୍ଥ ଲିମିଟେଡ୍ (ଆଇଆରଇଏଲ୍)ର ସହଯୋଗରେ ଆୟୋଜିତ ଏହି ସମ୍ମିଳନୀ ଦେଶରେ ରେୟାର ଆର୍ଥ ଓ କ୍ରିଟିକାଲ୍ ମିନେରାଲ୍ସ କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ଏକ ନୂତନ ଦିଗ ଦେବ ।



କିଟ୍ ରୁରାଲ୍ ମ୍ୟାନେଜମେଣ୍ଟ ସ୍କୁଲ୍‌ର ୨୦ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, (ସବୁ୍): କିଟ୍ ସ୍କୁଲ ଅଫ୍ ରୁରାଲ୍ ମ୍ୟାନେଜମେଣ୍ଟ (କେଏସ୍ଆରଏମ୍)ର ୨୦ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଦୀର୍ଘ ୨୦ ବର୍ଷ ତଳେ ୨୦୦୬ ମସିହାରେ ଶ୍ୱେତ ବିପ୍ଳବର ଜନକ ପଦ୍ମ ବିଭୂଷଣ ଡ ଭର୍ଗିଜ କୁରିଏନ୍ ଏବଂ ଓଡ଼ିଶା ସରକାରଙ୍କ ତତ୍କାଳୀନ ମନ୍ତ୍ରୀ ସ୍ୱର୍ଗତ ଦେବୀ ମିଶ୍ର ଏହି ସ୍କୁଲର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଡ. ଭର୍ଗିଜ୍ କୁରିଏନ୍ଙ୍କ ସ୍ମୃତିରେ ଏକ ସେମିନାର ହଲ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ସେହିପରି ୨୦୦୯ରୁ ୨୦୨୬ ମଧ୍ୟରେ ସଫଳତା ହାସଲ କରିଥିବା ସ୍ୱର୍ଣ୍ଣପଦକ ବିଜେତାଙ୍କୁ ନେଇ କେଏସ୍ଆରଏମ୍ ଅନର ରୋଲ୍ ମଧ୍ୟ ଉଦ୍‌ଘାଟନ କରାଯାଇଥିଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିତାଙ୍କ ସ୍ମୃତିଚାରଣ କରିଥିଲେ । ୨୦୦୬ ମସିହାରେ ଡ. ସାମନ୍ତ ଓ ମୋ ବାପା ଡ. ବର୍ଗିସ୍ କୁରିଏନ୍ ଏକ ସମାନ ଲକ୍ଷ୍ୟ ନେଇ କିଟ୍ ସ୍କୁଲ ଅଫ୍ ରୁରାଲ୍ ମ୍ୟାନେଜମେଣ୍ଟର ସ୍ଥାପନା କରିଥିବା ପ୍ରକାଶ କରିଥିଲେ । ଗ୍ରାମୀଣ ଭାରତର ବିକାଶରେ ଯୋଗଦାନ ଦେଇପାରିବା ଭଳି ଏକ ନୂତନ ପିଢ଼ିର ପେସାଦାର ସୃଷ୍ଟି କରିବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ । ମୋ ବାପାଙ୍କ ଦୂରଦୃଷ୍ଟିର ଅନ୍ୟତମ ପ୍ରମୁଖ ଦିଗ ଥିଲା ମହିଳା ସଶକ୍ତୀକରଣ । ସେ ଦୁଗ୍ଧ ଉତ୍ପାଦକ ସମବାୟ ଆନ୍ଦୋଳନରେ ମହିଳାମାନଙ୍କ ଅଧିକରୁ ଅଧିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିଥିଲେ ବୋଲି ସେ କହିଥିଲେ ।

କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ନିର୍ମଳା କୁରିଏନ୍ ଓ ବି.ଆର ମଲ୍ଲିକ ତଥା ଉପସ୍ଥିତ ରୁରାଲ ମ୍ୟାନେଜମେଣ୍ଟ ପୁରାତନ ଓ ନୂତନ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ କହିଲେ, ଇତି ମଧ୍ୟରେ ୨୦ବର୍ଷରେ କିଟ୍ ରୁରାଲ ମ୍ୟାନେଜମେଣ୍ଟ ସ୍କୁଲ୍ ପାଦ ଥାପିଥିବା ବେଳେ ଏହି ସ୍କୁଲରୁ ୧୮ଟି ବ୍ୟାଚ୍ ପାସ୍‌ଆଉଟ୍ ହେଲେଣି । ଗ୍ରାମୀଣ ଭାରତ, ବିଶେଷକରି ଗ୍ରାମୀଣ ଓଡ଼ିଶାର ବିକାଶ ଓ ଅର୍ଥନୀତିକୁ ସୁଦୃଢ଼ କରିବାରେ କିଟ୍ ରୁରାଲ୍ ମ୍ୟାନେଜମେଣ୍ଟର ସ୍କୁଲ୍‌ର ଅବଦାନ ଉଲ୍ଲେଖନୀୟ । ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ରାଜ୍ୟ ତଥା ଦେଶର ବିଭିନ୍ନ କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ସାମନ୍ତ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିସିଏମ୍ଏମ୍ଏଫ୍ ପୂର୍ବାଞ୍ଚଳ ଡିଭିଜନାଲ୍ ମ୍ୟାନେଜର ଡିଭିଜନାଲ୍ ମ୍ୟାନେଜର ବି ଆର୍ ମଲ୍ଲିକ୍, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ତଥା ତଥା କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କେଏସ୍ଆରଏମ୍ ନିର୍ଦ୍ଦେଶକ, ପ୍ରଫେସର ସର୍ବେଶ୍ୱର ମହାନ୍ତି ଓ ଡିନ୍ କେଏସ୍ଆରଏମ୍ ଡିନ୍ ପ୍ରଫେସର ସୁକୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଡ. ଭର୍ଗିଜ୍ କୁରିଏନ୍ଙ୍କ ସ୍ମୃତିରେ ଏକ ସେମିନାର ହଲ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ସେହିପରି ୨୦୦୯ରୁ ୨୦୨୬ ମଧ୍ୟରେ ସଫଳତା ହାସଲ କରିଥିବା ସ୍ୱର୍ଣ୍ଣପଦକ ବିଜେତାଙ୍କୁ ନେଇ କେଏସ୍ଆରଏମ୍ ଅନର ରୋଲ୍ ମଧ୍ୟ ଉଦ୍‌ଘାଟନ କରାଯାଇଥିଲା



କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପୁରୀରେ କଡ଼ା ସୁରକ୍ଷା ବ୍ୟବସ୍ଥା

ପୁରୀ, (ସବୁ୍): ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମାକୁ ଦୃଷ୍ଟିରେ ରଖି ପୁରୀରେ ବ୍ୟାପକ ପୋଲିସ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି । ନଭେମ୍ବର ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିର, ସମୁଦ୍ରକୂଳ, ବିଭିନ୍ନ ପବିତ୍ର ପୁଷ୍କରିଣୀ ଓ ଜଳାଶୟ ସମେତ ପୁରୀ ସହରର ପ୍ରମୁଖ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଭିଡ଼ ନିୟନ୍ତ୍ରଣ, ଆଇନଶୃଙ୍ଖଳା ରକ୍ଷା ଏବଂ ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷିତ ଯାତାୟାତ ପାଇଁ ମୋଟ ୧୧୮୫ ଜଣ ପୋଲିସ ଓ ସୁରକ୍ଷା କର୍ମଚାରୀ ମୁତୟନ ହୋଇଛନ୍ତି । ଏଥିରେ ୩ ଜଣ ଏସ୍ପି/କମାଣ୍ଡାଣ୍ଟ, ୫ ଜଣ ଅତିରିକ୍ତ ଏସ୍ପି/ଡିସି, ୧୮ ଜଣ ଡିଏସ୍ପି/ଏସି, ୫୪ ଜଣ ଇନ୍ସପେକ୍ଟର/ସବ୍‌ଇନ୍ସପେକ୍ଟର, ୧୯୨ ଜଣ ଏସ

AXIS BANK
শাখা খোলা হচ্ছে।, হালে হেরফের, দুই টাকা: ন্যূনতম জমা নাকচা
পরে চালসা, ঘুমন্তপুর, ঘুইবাসা, ঘুইবাসা, ঘুইবাসা
(শর্তাবলি দেখুন ৪ নম্বর কলামে। পেনশনভোগী) দুই, ২০০৭ ও দুই, ২০০৭ এর মধ্যে যে পদ্মাজোড় ডেভেলপার্স লিমিটেড কর্তৃক নির্মিত ও বিক্রয়কৃত ফ্ল্যাট/অ্যাপার্টমেন্ট/ভবনের ক্রেতাগণ অত্র কোম্পানির নিকট হইতে ফ্ল্যাট/অ্যাপার্টমেন্ট/ভবনের দুই তৃতীয়াংশ মালিকানা হস্তান্তর করিয়া লইয়াছেন এবং অবশিষ্ট এক তৃতীয়াংশ মালিকানা হস্তান্তর করিতে বাকি রহিয়াছে, তাহাদের অবগতির জন্য এই নোটিশ প্রদান করা যাইতেছে যে, উক্ত ফ্ল্যাট/অ্যাপার্টমেন্ট/ভবনের অবশিষ্ট এক তৃতীয়াংশ মালিকানা হস্তান্তর করিতে অত্র কোম্পানি ব্যর্থ হইলে, উহা কোম্পানির সম্পূর্ণ নিজস্ব সম্পত্তি হিসাবে গণ্য হইবে এবং উহার উপর কোম্পানির কোন দাবি থাকিবে না। এতদসংক্রান্ত যে কোন দাবি আগামী ৩০ (ত্রিশ) দিনের মধ্যে লিখিতভাবে কোম্পানির নিকট পেশ করিতে হইবে, অন্যথায় উক্ত সময় অতিক্রান্ত হইবার পর কোন দাবি গ্রহণযোগ্য হইবে না। ৫ (পাঁচ) কাঠা ৭ (সাত) ছটাক জমি, ৩ (তিন) কক্ষ বিশিষ্ট ১ (এক) তলা বাড়ি, ১ (এক) টি টিনশেড দোকান ঘর, ১ (এক) টি পাকা পায়খানা, ১ (এক) টি টিউবওয়েল, ১ (এক) টি বৈদ্যুতিক মিটার, ১ (এক) টি সেপটিক ট্যাংক, ১ (এক) টি সীমানা প্রাচীর, ১ (এক) টি লোহার গেট, ১ (এক) টি সাইনবোর্ড, ১ (এক) টি ফ্রিজ, ১ (এক) টি টেলিভিশন, ১ (এক) টি ফ্যান, ১ (এক) টি লাইট, ১ (এক) টি ওয়াশিং মেশিন, ১ (এক) টি এসি, ১ (এক) টি ওভেন, ১ (এক) টি ইন্ডাকশন চুলা, ১ (এক) টি রান্নার গ্যাস সিলিন্ডার, ১ (এক) টি রান্নার গ্যাস চুলা, ১ (এক) টি রান্নার গ্যাস পাইপ, ১ (এক) টি রান্নার গ্যাস মিটার, ১ (এক) টি রান্নার গ্যাস রেগুলেটর, ১ (এক) টি রান্নার গ্যাস হোস পাইপ, ১ (এক) টি রান্নার গ্যাস ফিল্টার, ১ (এক) টি রান্নার গ্যাস ভালভ, ১ (এক) টি রান্নার গ্যাস ভালভ, ১ (এক) টি রান্নার গ্যাস ভালভ

ବିକାଶର ନଗ୍ନ ଚିତ୍ର : ଭରା ନାଗାବଳୀ ପାର ହେଲେ ରୋଗୀ



ରାୟଗଡା,(ସବ୍ୟୁ):ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଦୁର୍ଗମ ଅଞ୍ଚଳରେ ରାସ୍ତା ଓ ମୌଳିକ ସ୍ୱାସ୍ଥ୍ୟସେବା ଅପହଞ୍ଚ ହୋଇ ରହିଛି । ଏହାର ଏକ କରୁଣ ଚିତ୍ର ପୁଣି ଦେଖିବାକୁ ମିଳିଛି ରାୟଗଡ଼ା ସଦର ବ୍ଲକର ପୂଜାରୀବମ୍ଭୁ ଗ୍ରାମରେ। ରାସ୍ତା ଓ ନଦୀ ଉପରେ ପୋଲ ନ ଥିବାରୁ ଜଣେ ଗୁରୁତର ରୋଗୀଙ୍କୁ ପ୍ରାୟ ୩ କିମି ଖଟିଆରେ ବୋହିବା ପରେ ଭରା ନାଗାବଳୀ ନଦୀ ପାର କରାଇବାକୁ ପଡ଼ିଛି । ଗ୍ରାମର ଚାଣ୍ଡି ପିଡ଼ିକା ଦୁଇଦିନ ଧରି ଅସୁସ୍ଥ ଥିଲେ । ଶୁକ୍ରବାର ସକାଳେ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଡାକିଥିଲେ। ମାତ୍ର ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସଟି ନଦୀର ଅପରପାର୍ଶ୍ୱରେ ଥିବା ବେହେରାଗୁଡ଼ା ନିକଟରେ ଅଟକି ରହିଥିଲା । ଫଳରେ ପରିବାର ଲୋକେ ଜୀବନକୁ ବାଜି ଲଗାଇ ତାଙ୍କୁ ଖଟିଆରେ ବୋହି ନଦୀ ପାର କରାଇଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା । ଗତ ମାସରେ ମଧ୍ୟ ଏହି ଗ୍ରାମର ଜଣେ ରୋଗୀଙ୍କୁ ଭାରରେ ବୋହି ନଦୀ ପାର କରାଯାଇଥିଲା । ଏହାକୁ ନେଇ ଗ୍ରାମବାସୀ ରାସ୍ତା ନିର୍ମାଣ ଦାବି କରିବା ସହ ଦାବି ପୂରଣ ନ ହେଲେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିବାକୁ ଚେତାବନୀ ଦେଇଥିଲେ । ଜିଲାପାଳ ମଧ୍ୟ ଅନୁଧ୍ୟାନ କରି ଶୀଘ୍ର ରାସ୍ତା ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ । ତଥାପି ସ୍ଥିତିରେ ପରିବର୍ତ୍ତନ ହୋଇନାହିଁ। ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁସାରେ, ରାୟଗଡ଼ା ସଦର ବ୍ଲକର ୩୨ଟି ଗ୍ରାମକୁ ପକ୍କା ରାସ୍ତା ନାହିଁ । ଏଭଳି ସ୍ଥିତିରେ ଦୁର୍ଗମ ଗ୍ରାମବାସୀଙ୍କୁ ରାସ୍ତା ଓ ଜରୁରୀ ସ୍ୱାସ୍ଥ୍ୟସେବା କେବେ ମିଳିବ, ତାହାକୁ ନେଇ ପ୍ରଶ୍ନ ଉଠିଛି ।

ଅବକାରୀ ବିଭାଗର ବଡ଼ ଚଢ଼ାଉ

୨୦ ଏକର ଜଙ୍ଗଲରୁ ୩୦ ହଜାର ଗଞ୍ଜେଇ ଗଛ ନଷ୍ଟ



ମାଲକାନଗିରି,(ସବ୍ୟୁ): ବେଆଇନ ଗଞ୍ଜେଇ ଚାଷ ଓ ନିଶାଦ୍ରବ୍ୟ କାରବାର ବିରୋଧରେ ମାଲକାନଗିରି ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ଅଭିଯାନକୁ ଜୋରଦାର କରାଯାଇଛି । ଏହି କ୍ରମରେ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ କଦମଝୋଲା ଗ୍ରାମ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଏକ ବଡ଼ଧରଣର ଚଢ଼ାଉ କରି ପ୍ରାୟ ୨୦ ଏକର ଜଙ୍ଗଲ ଜମିରେ ବେଆଇନ ଭାବେ ଚାଷ କରାଯାଇଥିବା ୩୦ ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି । ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୩ କୋଟି ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

ସୂଚନା ଅନୁଯାୟୀ, ମାଲକାନଗିରି ଅବକାରୀ ଅଧୀକ୍ଷକ ବିନ୍ୟାଧର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଉପ-ଅଧୀକ୍ଷକ ଟଙ୍କଧର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁକ୍ରବାର ଏହି ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ କରାଯାଇଥିଲା। ଅବକାରୀ ବିଭାଗର ଏକ ବ୍ୟାପକ ଟିମ କଦମଝୋଲା ଗ୍ରାମ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ପହଞ୍ଚି ବେଆଇନ ଭାବେ ଚାଷ କରାଯାଇଥିବା ଗଞ୍ଜେଇ ବଗିଚାରେ ଚଢ଼ାଉ କରିଥିଲେ । ଯାଞ୍ଚ ସମୟରେ ପ୍ରାୟ ୨୦ ଏକର ଜଙ୍ଗଲ ଜମିରେ ବ୍ୟାପକ ଭାବେ ଗଞ୍ଜେଇ ଚାଷ ହୋଇଥିବା ଜଣାପଡ଼ିଥିଲା। ପରେ ବିଭାଗୀୟ ଟିମ ପକ୍ଷରୁ ସେଠାରେ ଥିବା ପ୍ରାୟ ୩୦ ହଜାର ଗଞ୍ଜେଇ ଗଛକୁ ଉପାଡ଼ି ଓ କାଟି ନଷ୍ଟ କରାଯାଇଥିଲା। ଏହି ଅଭିଯାନରେ ମାଲକାନଗିରି ରେଞ୍ଜର ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ବଳ, ଜିଲ୍ଲା ମୋବାଇଲ ୟୁନିଟ ଅବକାରୀ ନିରୀକ୍ଷକ ବିଙ୍କାରାଜ ଦାମୀ, ଅବକାରୀ ଉପ-ନିରୀକ୍ଷକ ଅମିୟ ଖଞ୍ଜା, ବ୍ରଜବିହାରୀ ନାୟକ, ତେଜରାଜ ଗହିର, ଦୀନବନ୍ଧୁ ସିରା ଓ ମନୋଜ ପ୍ରଧାନ ଯୋଗ ଦେଇଥିଲେ । ସେହିପରି ସହକାରୀ ଅବକାରୀ ଉପ-ନିରୀକ୍ଷକ ରାମଚନ୍ଦ୍ର ହନ୍ତାଳ, ରମଜାନ ଖାନ, ସରୋଜ କୁମାର ବେହେରା ଓ ସୁରେନ୍ଦ୍ର ମାଝୀଙ୍କ ସମେତ ଅବକାରୀ ବିଭାଗର ଅନ୍ୟ କର୍ମଚାରୀ ଓ କନଷ୍ଟେବଳମାନେ ଏହି ଅଭିଯାନରେ ସାମିଲ ହୋଇଥିଲେ । ଜିଲ୍ଲାର ଦୁର୍ଗମ ଜଙ୍ଗଲ ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଷକୁ ରୋକିବା ସହ ନିଶାଦ୍ରବ୍ୟ କାରବାର ଉପରେ ଅଙ୍କୁଶ ଲଗାଇବା ଲକ୍ଷ୍ୟରେ ଅବକାରୀ ବିଭାଗ ପକ୍ଷରୁ ଏଭଳି ଚଢ଼ାଉ ଅଭିଯାନ ଜାରି ରହିଛି। ଆଗାମୀ ଦିନରେ ମଧ୍ୟ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଷ ଓ ନିଶାଦ୍ରବ୍ୟ କାରବାର ବିରୋଧରେ ଏହି ଅଭିଯାନକୁ ଜାରି ରଖାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ।

ବୌଦ୍ଧରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ପ୍ରଶାସନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭା ।ବନା ସଭା ଗୃହରେ ପାଳିତ ହୋଇଯାଇଛି । କନ୍ୟା ସନ୍ତାନଙ୍କ ଅଧିକାର, ସୁରକ୍ଷା, ଶିକ୍ଷା ଓ ସାମଗ୍ରିକ ବିକାଶ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଆୟୋଜିତ ଏକ ସଚେତନତା ଶୋଭାଯାତ୍ରାକୁ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଏବଂ ଅତିରିକ୍ତ ଜିଲ୍ଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ସଭାବନା ସଭାଗୃହଠାରେ ଅତିରିକ୍ତ ଜିଲ୍ଲାପାଳ ବିରଞ୍ଚି ନାରାୟଣ ଦରୱାଜଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।

ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ଦିବସ ପାଳନର ଆଭିମୁଖ୍ୟ ଓ ଏହାର ସାମାଜିକ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସଭାରେ ଡିଏସ୍ପି କନକ କୁମାର ମାଝୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁ, ଏଡିଇଓ ଭାସ୍କର ଲେଙ୍କା ଯୋଗଦେଇ କନ୍ୟା ସନ୍ତାନଙ୍କ ସୁରକ୍ଷା, ଗୁଣାତ୍ମକ ଶିକ୍ଷା, ସମାନ ଅଧିକାର ଓ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ବାଳିକା ମାନଙ୍କୁ ଉପଯୁକ୍ତ ସୁଯୋଗ, ପ୍ରୋତ୍ସାହନ ଓ ସୁରକ୍ଷିତ ପରିବେଶ ଯୋଗାଇଦେଲେ ସେମାନେ ଭବିଷ୍ୟତରେ ଦେଶ ଓ ସମାଜର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ବାଲ୍ୟ ବିବାହ ଭଳି ସାମାଜିକ ବ୍ୟାଧିର ନିରାକରଣ ଏବଂ ବାଳିକାମାନଙ୍କ ଅଧିକାରରେ ନିବେଶର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ । ଆଧୁନିକ ଓ ଯୁଗୋପଯୋଗୀ ଶିକ୍ଷା ମାଧ୍ୟମରେ ବାଳିକାମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ସାକାର କରିବା ପାଇଁ ପରିବାର, ସମାଜ ଓ ପ୍ରଶାସନ ସମନ୍ୱିତ ଉଦ୍ୟମ କରିବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବୌଦ୍ଧ ଜିଲ୍ଲାର ଦୁଇଜଣ ପ୍ରତିଭାବାନ ଛାତ୍ରୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ପିଏମ୍‌ଶ୍ରୀ ଗାର୍ଲସ ହାଇସ୍କୁଲ, ବୌଦ୍ଧର ଛାତ୍ରୀ ରଶ୍ମିବାଳା ବଗର୍ତ୍ତି ଜାତୀୟ ସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପିଏମ୍‌ଶ୍ରୀ ବାବା ବୈଦ୍ୟନାଥ ହାଇସ୍କୁଲ, ସରସରାର ଅଷ୍ଟମ ଶ୍ରେଣୀ ଛାତ୍ରୀ ଅଙ୍କିତା ବେହେରା ରାଜ୍ୟସ୍ତରୀୟ ନ୍ୟାସନାଲ ସାଇନ୍ସ କଂଗ୍ରେସ ଓ ମଡେଲ ଆସେମ୍ବଲିରେ ଯୋଗଦେଇ ନିଜ ପ୍ରତିଭାର ପରିଚୟ ଦେଇଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ରୀନା ମହାନ୍ତି ସୁଚାରୁ ରୂପେ ପରିଚାଳନା କରିଥିଲେ। ଜିଲ୍ଲାର ବିଭିନ୍ନ ସଂପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଏବଂ ବହୁ ସଂଖ୍ୟାରେ ଛାତ୍ରୀମାନେ ଏଥିରେ ଯୋଗଦେଇ ଥିଲେ ଝ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ଜିଲ୍ଲା ସଂଯୋଜିକା ସୁଜାତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

ବେଆଇନ ଜବରଦଖଲରେ ଲାଗିବ ରୋକ ଆକ୍ସନ ମୋଡ଼ରେ ପୌରପରିଷଦ

ରାୟଗଡା,(ସବ୍ୟୁ): ସହରର ଜନସ୍ୱାସ୍ଥ୍ୟ ସୁରକ୍ଷା, ପରିବେଶ ସ୍ୱଚ୍ଛତା ଓ ଟ୍ରାଫିକ ଶୃଙ୍ଖଳାକୁ ଗୁରୁତ୍ୱ ଦେଇ ରାୟଗଡା ପୌରପରିଷଦ ପକ୍ଷରୁ ଯାଞ୍ଚ ଓ ଏନଫୋର୍ସମେଣ୍ଟ ଅଭିଯାନକୁ କଡ଼ାକଡ଼ି କରାଯିବ। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ତଥା ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମୃଣାଳିକା ରାଠୋଡ଼ଙ୍କ ସହଯୋଗରେ ଏହି ଅଭିଯାନ ପରିଚାଳିତ ହେବ । ଏହି କ୍ରମରେ ହୋଟେଲ , ରେଷ୍ଟୁରାଣ୍ଟ, ମିଠା ଦୋକାନ ଓ ରାସ୍ତାକଡ଼ ଖାଦ୍ୟ ବିକ୍ରେତାଙ୍କ ଖାଦ୍ୟର ମାନ, ପରିଚ୍ଛନ୍ନତା ଏବଂ ଆବଶ୍ୟକ ପଞ୍ଜୀକରଣ ଯାଞ୍ଚ କରାଯିବ । ଫୁଟପାଥ ଓ ସର୍ବସାଧାରଣ ରାସ୍ତା ଅବରୋଧ କରି ରଖିଥିବା ଅନଧିକୃତ ଦୋକାନ, ପ୍ଲାଟଫର୍ମ ଓ ସାମଗ୍ରୀ ହଟାଯିବ। ନିଷିଦ୍ଧ ସିଙ୍ଗଲ ୟୁଜ ପ୍ଲାଷ୍ଟିକର ବ୍ୟବହାର, ବିକ୍ରି ଓ ମହଜୁଦ ଉପରେ ମଧ୍ୟ ନଜର ରଖାଯାଇ ଜବତ ସହ ଜରିମାନା ଆଦାୟ ହେବ। ଏଥିସହ ରାସ୍ତାରେ ଆବର୍ଜନା ପକାଇବା, ଅନୁଚିତ ଆବର୍ଜନା ନିଷ୍କାସନ ଓ ସରକାରୀ ଜମି ଜବରଦଖଲ ଉପରେ ଯାଞ୍ଚ କରାଯିବ। ଆବଶ୍ୟକସ୍ଥଳେ ରାଜସ୍ୱ ବିଭାଗ ସହ ସମନ୍ୱୟ ରଖି ଜବରଦଖଲ ଉଚ୍ଛେଦ କରାଯିବ । ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ସମ୍ପୃକ୍ତ ଆଇନ ଅନୁଯାୟୀ ଜରିମାନା ଓ ଆଇନଗତ ପଦକ୍ଷେପ ନିଆଯିବ । ସହରକୁ ସ୍ୱଚ୍ଛ, ସୁରକ୍ଷିତ ଓ ଅବରୋଧମୁକ୍ତ ରଖିବା ପାଇଁ ବ୍ୟବସାୟୀ ଓ ସାଧାରଣ ନାଗରିକଙ୍କ ସହଯୋଗ କାମନା କରିଛି ପୌରପରିଷଦ ।

ବ୍ଲକ୍ ପ୍ରଶାସନ-ସାମ୍ବାଦିକଙ୍କ ମଧ୍ୟରେ କବାଡି ପ୍ରତିଯୋଗିତା



ମୁରିବାହାଲ,(ସବ୍ୟୁ): ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ମୁରିବାହାଲ ବ୍ଲକ ପ୍ରଶାସନ ଓ ବ୍ଲକର ସାମ୍ବାଦିକଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କବାଡି ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର,ସାଂସଦ ପ୍ରତିନିଧି ଶ୍ରୀବତ୍ସ ବେହେରା, ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା,ବ୍ଲକ ଅର୍ଥ ଅଧିକାରୀ ଘେନୁରାମ ତାଣ୍ଡି,ବରିଷ୍ଠ ସାମ୍ବାଦିକ ଭଗବାନ ମହାନ୍ତି,ଦୁର୍ଗାନନ୍ଦ ମହାକୁର ଅତିଥି ରୂପେ ଯୋଗଦେଇଥିଲେ । ଖେଳ ଶିକ୍ଷକ ସୁନନ୍ଦ ପ୍ରଧାନ, ନିତେଶ ତାଣ୍ଡି ଓ ଝସକେତନ ରାଜହଂସ କବାଡି ପ୍ରତିଯୋଗିତା ପରିଚାଳନା କରିଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ଅଧିନାୟକ ଡବଲ୍ୟୁଇଓ ଭୀମରାମ ମାଝୀଙ୍କ ନେତୃତ୍ୱରେ ସମସ୍ତ ବ୍ଲକ କର୍ମଚାରୀ ଓ ସାମ୍ବାଦିକଙ୍କ ପକ୍ଷରୁ ଅଧିନାୟକ ପ୍ରଫୁଲ୍ଲ କୁମାର ବଘାରଙ୍କ ନେତୃତ୍ୱରେ ସମସ୍ତ ସାମ୍ବାଦିକ ଏହି କବାଡି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ତୀବ୍ର ପ୍ରତିଦ୍ୱନ୍ଦିତାରେ ବ୍ଲକ ପ୍ରଶାସନ ସାମ୍ବାଦିକଙ୍କୁ ପରାସ୍ତ କରି ବିଜେତା ଟ୍ରଫି ହାସଲ କରିଥିବା ବେଳେ ସାମ୍ବାଦିକଙ୍କୁ ଉପବିଜେତା ଟ୍ରଫି ପ୍ରଦାନ କରାଯାଇଥିଲା । ବ୍ଲକ ବିଏସଏସଓ ରିଙ୍କୁ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଓଏଲଏମ ବିପିଏମ ଗୋପାଳକୃଷ୍ଣ ଦୀପ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ ।

ଜୁନାଗଡ଼ ବାଇପାସ ରାସ୍ତା ନିର୍ମାଣ ଦାବିରେ ଗଣଧାରଣା



ଜୁନାଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରରେ ବାଇପାସ ରାସ୍ତା ନିର୍ମାଣ ଦାବିରେ ଜୁନାଗଡ଼ ବାଇପାସ ରାସ୍ତା ନିର୍ମାଣ ସଂଘର୍ଷ ସମିତି ପକ୍ଷରୁ ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳୀନ ଧାରଣା ଆରମ୍ଭ ହୋଇଛି। ସହରରେ ଦିନକୁ ଦିନ ବଢୁଥିବା ଯାନବାହନ ଚଳାଚଳ, ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ବାଇପାସ ରାସ୍ତା ନିର୍ମାଣ ଦାବି ଦୀର୍ଘଦିନ ଧରି ହୋଇଆସୁଛି । ତେବେ ଏହି ଦାବି ଉପରେ ସରକାରୀ ସ୍ତରରେ କୌଣସି ଠୋସ ଓ ସକାରାତ୍ମକ ପଦକ୍ଷେପ ନିଆଯାଇନଥିବାରୁ ସମିତି ପକ୍ଷରୁ ଧାରଣା ଆରମ୍ଭ କରାଯାଇଛି । ବାଇପାସ ରାସ୍ତା ନିର୍ମାଣ ନେଇ ସରକାରୀ ସ୍ତରରେ ସକାରାତ୍ମକ ପଦକ୍ଷେପ ଓ ସ୍ପଷ୍ଟ ନିଷ୍ପତ୍ତି ନ ଆସିବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ। ଆବଶ୍ୟକ ପଡ଼ିଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସମିତିର ସଦସ୍ୟମାନେ କହିଛନ୍ତି । ଧାରଣାରେ ସମିତିର ଆବାହକ ପ୍ରଭାତ କୁମାର ଦାଶ, ସଂଯୋଜକ ଲଳିତ ଅଗ୍ରୱାଲ, ଉପଦେଷ୍ଟା ଦାମ ବେହେରା, ବିଶ୍ୱନାଥ କର, ଉଦ୍ଧବ ସାହୁ, ଅରୂପା ନାଗ, କାଜିଆ କନ୍ଦପାନ, ସଚିନ ଅନ୍ଦାନୀ, ଚିତ୍ତ ନିଆଲ, ଅଶୋକ ପାତ୍ର, ପିଣ୍ଟୁ ଖେମକା, ତାପସ ସାହୁ, ସୁଜିତ ଖେମକା , କୁମୁଦ ଗହୀର, ସନ୍ତୋଷ ସାହୁ, ତପନ ମହାନ୍ତି, ପୂର୍ଣ୍ଣେନ୍ଦୁ ମାଝୀ, ଚମ୍ପକ ଅଗ୍ରୱାଲ, ନୀଳକଣ୍ଠ ରାଉତ, ରାଧେଶ୍ୟାମ କୈବର୍ତ୍ତ, ଶ୍ରୀମନ୍ତ ଭାର, ବସନ୍ତ ପଣ୍ଡା, ରମେଶ ନାଏକ, ରଶ୍ମି ରଞ୍ଜନ ନାଏକ, ଚନ୍ଦ୍ରଶେଖର ବାଗ, ରାଜାରାମ ଡୁଙ୍ଗୁରି, ସୁରେଶ ପଣ୍ଡା ଓ ଶିଶିର ପଟ୍ଟନାୟକଙ୍କ ସମେତ ଜୁନାଗଡ଼ର ବହୁ ନେତୃବୃନ୍ଦ ଓ ସଚେତନ ନାଗରିକ ଯୋଗଦେଇଥିଲେ ।

ଖଡ଼ିଆଳ ବ୍ଲକ୍ କାର୍ଯ୍ୟାଳୟରେ ଯନ୍ତ୍ରୀଙ୍କୁ ଆକ୍ରମଣ !

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା। ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଜଣେ ଯନ୍ତ୍ରୀଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ସରକାରୀ କାର୍ଯ୍ୟାଳୟ ଭିତରେ ଏଭଳି ଘଟଣା ଘଟିଥିବା ଅଭିଯୋଗ ସାଧାରଣରେ ଉଦ୍ୱେଗ ସୃଷ୍ଟି କରିଛି । ଏହି ଘଟଣାକୁ ନେଇ ଖଡ଼ିଆଳ ଥାନାରେ ଏତଲା ରୁଜୁ ହୋଇଥିବାବେଳେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

ପ୍ରାପ୍ତ ସୂଚନା ଅନୁଯାୟୀ, ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଭୁଲିଆସିକୁଆଁ ଅଞ୍ଚଳରେ ସମ୍ପନ୍ନ ହୋଇଥିବା ଏକ କାର୍ଯ୍ୟର ବିଲ ପ୍ରସ୍ତୁତିକୁ କେନ୍ଦ୍ର କରି ବିବାଦର ସୂତ୍ରପାତ ହୋଇଥିବା ଚର୍ଚ୍ଚା ହେଉଛି । ଉକ୍ତ କାର୍ଯ୍ୟର ବିଲ କରାଇବା ପାଇଁ ଜଣେ ଠିକାଦାର ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ ବିଲ ପ୍ରସ୍ତୁତ ହୋଇନଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିବା କୁହାଯାଉଛି । ପରବର୍ତ୍ତୀ ସମୟରେ ଏହି ବିବାଦ ଉଗ୍ର ରୂପ ନେଇ ଯନ୍ତ୍ରୀଙ୍କ ଉପରେ ଆକ୍ରମଣ ହୋଇଥିବା ନେଇ ଆଲୋଚନା ହେଉଛି। ଏହି ଘଟଣାରେ ଖଡ଼ିଆଳ ଥାନାରେ ଏଫଆଇଆର୍ ଦାଖଲ ହୋଇଛି। ଏ ସମ୍ପର୍କରେ ପୋଲିସ ଅଧିକାରୀ ରଶ୍ମିତା ପ୍ରଧାନ ସୂଚନା ଦେଇ କହିଛନ୍ତି ଯେ, ଘଟଣାକୁ ନେଇ ମାମଲା ରୁଜୁ ହୋଇଛି ଏବଂ ପୋଲିସ ପକ୍ଷରୁ ତଦନ୍ତ ଚାଲିଛି ।

ଅନ୍ୟପକ୍ଷରେ, ଆକ୍ରମଣର ଶିକାର ହୋଇଥିବା ଯନ୍ତ୍ରୀ ମହେଶ୍ୱର ଦାସଙ୍କ ସହ ଘଟିଥିବା ଘଟଣାର ପ୍ରକୃତ କାରଣ କ'ଣ, ଏଥିରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ଏବଂ ବିଲ୍ଲୁ ନେଇ ଉଠିଥିବା ବିବାଦରେ କେତେଦୂର ସତ୍ୟତା ରହିଛି, ତାହା ପୋଲିସର ତଦନ୍ତ ପରେ ସ୍ପଷ୍ଟ ହେବ। ସରକାରୀ କାର୍ଯ୍ୟାଳୟ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଜଣେ ସରକାରୀ ଯନ୍ତ୍ରୀଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ପ୍ରଶାସନିକ ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛି । ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହେଉଛି ।

ହକିର ଉନ୍ନତି ପାଇଁ ଜିଲ୍ଲାପାଳଙ୍କର ପଦକ୍ଷେପ



ଝାରସୁଗୁଡା,(ସବ୍ୟୁ) : ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷ

ବାତ୍ୟା ବର୍ଷାରେ ଉଜୁଡ଼ିଲା ଚାଷୀଙ୍କ ସ୍ୱପ୍ନ



ପଦ୍ମପୁର,(ସବ୍ୟୁ) : ଅଦିନିଆ ବର୍ଷା ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ଗୁରୁବାରଠାରୁ ଲାଗି ରହିଥିବା 'ଆକ୍ୱାନ' ବାତ୍ୟାଜନିତ ବର୍ଷା ଯୋଗୁଁ ପଦ୍ମପୁର ଉପଖଣ୍ଡରେ ବ୍ୟାପକ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି । ଚାଷୀଙ୍କ ବର୍ଷକର ପରିଶ୍ରମ ଓ ଆଶା ଏବେ ବର୍ଷା ପାଣିରେ ଭିଜିବାକୁ ବସିଛି । ଖଳାରେ ଅମଳ କରି ରଖାଯାଇଥିବା ଧାନଠାରୁ ଆରମ୍ଭ କରି ଜମିରେ ପାଚିଥିବା ଧାନ ଓ କଟା ହୋଇ ପଡ଼ିଥିବା ଧାନ ପେଟା ପର୍ଯ୍ୟନ୍ତ ସବୁକିଛି ବର୍ଷାରେ ଭିଜି ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । ଏଥିସହ ବିଭିନ୍ନ ଚାଷଜମିରେ ବର୍ଷାଜଳ ଜମି ରହିବା ଯୋଗୁଁ ଚାଷୀଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହୋଇଛି । ବର୍ତ୍ତମାନ ପଦ୍ମପୁର ଉପଖଣ୍ଡର ଅଧିକାଂଶ ଚାଷୀ ଗାଡୁଆ ଜମିରୁ ଧାନ ଅମଳ କରିବାରେ ବ୍ୟସ୍ତ ଥିବାବେଳେ ଏହି ଅଦିନିଆ ବର୍ଷା ସେମାନଙ୍କ ସମସ୍ତ ଯୋଜନାକୁ ବିଗାଡ଼ି ଦେଇଛି । ଏପରିକି ଧାନ ଅମଳ କରି ସୁରକ୍ଷିତ ଭାବେ ରଖିବା ପାଇଁ ଚାଷୀମାନେ ସୁଯୋଗ ପାଇପାରୁନାହାନ୍ତି । ମାସକ ପୂର୍ବରୁ ଆସିଥିବା 'ଅର୍ଣ୍ଣବ' ବାତ୍ୟାର ପ୍ରଭାବରେ ଉପରିଆ ଜମିର ଧାନ ଫସଲ ପୂର୍ବରୁ କ୍ଷତିଗ୍ରସ୍ତ ହୋଇଥିଲା। ସେହି କ୍ଷତିରୁ ଚାଷୀମାନେ ଏଯାଏଁ ମୁକୁଳି ପାରିନଥିବାବେଳେ ପୁଣି 'ଆକ୍ୱାନ' ବର୍ଷା ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ଚାଷୀଙ୍କ ଆଶଙ୍କା, ଦୀର୍ଘ ସମୟ ଧରି ବର୍ଷାରେ ଭିଜି ରହିଲେ ଧାନର ରଙ୍ଗ, ଓଜନ ଓ ଗୁଣବତ୍ତା ହ୍ରାସ ପାଇବା ଏହାଦ୍ୱାରା ଧାନର ବଜାର ମୂଲ୍ୟ କମିବା ସହ ମଣ୍ଡିରେ ବିକ୍ରି ସମୟରେ ମାନ ଓ ଆର୍ଦ୍ରତା ଆଳରେ କଟନି-ଛଟନିର ଶିକାର ହେବାକୁ ପଡ଼ିପାରେ । ଫଳରେ ଉତ୍ପାଦନ ଖର୍ଚ୍ଚ ମଧ୍ୟ ଉଠାଇବା କଷ୍ଟକର ହୋଇପଡ଼ିବ। ଚାଷୀମାନେ ଧାନ ବିକ୍ରିରୁ ମିଳୁଥିବା ଅର୍ଥରେ କୃଷିଋଣ ପରିଶୋଧ କରିବା ସହ ଶ୍ରମିକଙ୍କ ମଜୁରି, ପରିବାରର ଦୈନନ୍ଦିନ ଖର୍ଚ୍ଚ, ପିଲାଙ୍କ ପାଠପଢ଼ା ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରିଥାନ୍ତି। ତେଣୁ ଏଭଳି ସମୟରେ ଫସଲ କ୍ଷତି ସେମାନଙ୍କୁ ଗଭୀର ଆର୍ଥିକ ସଙ୍କଟ ମଧ୍ୟକୁ ଠେଲିଦେବାର ଆଶଙ୍କା ରହିଛି।

ଅନ୍ୟପକ୍ଷରେ, ଧାନମଣ୍ଡି ଖୋଲିବାରେ ବିଳମ୍ବ ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇଛି। ଏହାର ସୁଯୋଗ ନେଇ କିଛି ଅସାଧୁ ଦଲାଲ ଓ ବେପାରୀ ଚାଷୀଙ୍କଠାରୁ କମ ଦରରେ ଧାନ କିଣିବାକୁ ଉଦ୍ୟମ କରୁଥିବା ଅଭିଯୋଗ ମଧ୍ୟ ହୋଇଛି । ଏଭଳି ସ୍ଥିତିରେ ଚାଷୀଙ୍କୁ ଶୋଷଣରୁ ରକ୍ଷା କରିବା ସହ ଉତ୍ପାଦିତ ଧାନର ଉଚିତ ମୂଲ୍ୟ ପ୍ରଦାନ କରିବା ଜରୁରି ହୋଇପଡ଼ିଛି ।ଏଣୁ ପ୍ରଶାସନ ତୁରନ୍ତ ଧାନମଣ୍ଡି ଖୋଲିବା, ଧାନ କିଣାରେ କଟନି-ଛଟନି ବନ୍ଦ କରିବା ଏବଂ ଚାଷୀଙ୍କୁ ସରକାରୀ ଧାର୍ଯ୍ୟ ମୂଲ୍ୟ ସୁନିଶ୍ଚିତ କରିବାକୁ ଚାଷୀମହଲରେ ଦାବି ହୋଇଛି । ଏଥିସହ ରାଜସ୍ୱ ଓ କୃଷି ବିଭାଗର ମିଳିତ ଟିମ ଦ୍ୱାରା ତୁରନ୍ତ କ୍ଷୟକ୍ଷତିର ଆକଳନ କରି ପ୍ରଭାବିତ ଚାଷୀଙ୍କୁ ଉଚିତ କ୍ଷତିପୂରଣ ଓ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି ।

ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଶିକ୍ଷାଗତ ଅବ୍ୟବସ୍ଥାକୁ ନେଇ ଛାତ୍ର ଅସନ୍ତୋଷ

ପରୀକ୍ଷା ସ୍ଥଗିତ ଓ ଫଳ ପ୍ରକାଶ ଦାବିରେ ଆନ୍ଦୋଳନ



ଭବାନୀପାଟଣା, (ସବ୍ୟୁ): ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଏବଂ ଏହା ଅଧୀନସ୍ଥ ସମସ୍ତ ମହାବିଦ୍ୟାଳୟରେ ଦେଖାଦେଇଥିବା ଶିକ୍ଷାଗତ ଅବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୯ ତାରିଖ ପୂର୍ବାହ୍ନ ୧୧ଘ ସମୟରେ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ବନ୍ଦ କରିବା କରି ଧାରଣା ଦେଇଥିଲେ । ପରେ ବିଶ୍ୱବିଦ୍ୟାଳୟ ବାରଣ୍ଡାରେ ଧାରଣା ଦେଇ କାହାକୁ ବି ଭିତରକୁ ଛାଡିନଥିଲେ । ଆସନ୍ତା ୨୩ତାରିଖରେ ସ୍ନାତକ ୫ମ ସେମିଷ୍ଟର ଓ ୨୬ ନଭେମ୍ବର ରେ ସ୍ନାତକୋତ୍ତର ୩ୟ ସେମିଷ୍ଟର ପରୀକ୍ଷା ପାଇଁ ଧାର୍ଯ୍ୟକୁ ବିରୋଧ କରି ଛାତ୍ର ଛାତ୍ରୀ ନାରାବାଜି କରିଥିଲେ। ଏହି ସମୟସୂଚୀକୁ ସ୍ଥଗିତ ରଖିବା ସହ ପରିକ୍ଷା ଘୁଞ୍ଚାଇବା ପାଇଁ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି। ଅନେକ ବିଭାଗ ଓ ମହାବିଦ୍ୟାଳୟରେ ଏପର୍ଯ୍ୟନ୍ତ ପାଠ୍ୟକ୍ରମ ସମାପ୍ତ ହୋଇନଥିବା ବେଳେ ସ୍ନାତକ ଓ ସ୍ନାତକୋତ୍ତର ପୂର୍ବ ସେମିଷ୍ଟର- ୨ର ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇନାହିଁ। ଏଥିସହ ବିଶ୍ୱବିଦ୍ୟାଳୟ ନିଜର ଏକାଡେମିକ କ୍ୟାଲେଣ୍ଡର ଓ ୟୁଜିସି ନିର୍ଦ୍ଦେଶାବଳୀ ଅନୁସାରେ ଶିକ୍ଷାବର୍ଷ କାର୍ଯ୍ୟ ପରିଚାଳନା କରୁନଥିବାରୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଉଛି ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି ଅଭିଯୋଗ ଆଣିଛି। ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ କଲେଜ ମାନଙ୍କରେ ମଧ୍ୟ ପାଠ୍ୟକ୍ରମ ନସରିବା, ସମୟ ଅନୁସାରେ ପରୀକ୍ଷା ଓ ଫଳାଫଳ ପ୍ରକାଶିତ ନ ହେବା ଯୋଗୁଁ ଛାତ୍ର ଛାତ୍ରୀ ଚାପ ଗ୍ରସ୍ତ ହେବାସହ ଗୁଣାତ୍ମକ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି । ଏଣୁ ଏଥିପାଇଁ ବିଶ୍ୱବିଦ୍ୟାଳୟ କୂଳପତି ଏବଂ ପରୀକ୍ଷା ନିୟନ୍ତ୍ରକଙ୍କୁ ଦାୟୀକରି ଛାତ୍ର ଛାତ୍ରୀ ତାଙ୍କ ବିରୁଦ୍ଧରେ ନାରାବାଜି କରିବା ସହ ନ୍ୟାୟ ପ୍ରଦାନ ଦାବି କରିଥିଲେ। ମାଁ ମାଣିକେଶରୀ ବିଶ୍ୱବିଦ୍ୟାଳୟ ଏବଂ ଅନୁବନ୍ଧିତ କଲେଜର ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଓଡ଼ିଶାର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତିଙ୍କ ଉଦ୍ଦେଶ୍ୟରେ ମାଧ୍ୟମରେ ଏକ ଦାବିପତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି । ଏଥିରେ ଆଗାମୀ ପରୀକ୍ଷା ସ୍ଥଗିତ, ବକେୟା ପରୀକ୍ଷା ଫଳାଫଳ ତୁରନ୍ତ ପ୍ରକାଶ, ସମ୍ପୂର୍ଣ୍ଣ ପାଠ୍ୟକ୍ରମ ଶେଷ କରିବା ଏବଂ ନିର୍ଦ୍ଦିଷ୍ଟ ସମୟସୀମା ଘୋଷଣା କରିବାକୁ ଦାବି କରାଯାଇଛି । ଛାତ୍ରଛାତ୍ରୀଙ୍କ ଏହି ନ୍ୟାୟସଙ୍ଗତ ଦାବି ପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବା ସହ ଅନିର୍ଦ୍ଦିଷ୍ଟ କାଳୀନ ଅନଶନ ଭଳି ଗଣତାନ୍ତ୍ରିକ ଆନ୍ଦୋଳନ କରିବାକୁ କମିଟି ଚେତାବନୀ ଦେଇଛି । ଏହି ଆନ୍ଦୋଳନରେ କେ ପ୍ରବୀଣ କୁମାର, ଅଙ୍କିତ ସାହୁ, ସିଦ୍ଧାର୍ଥ ନାୟକ, ବିଭୁତି ମଲ୍ଲିକ, ପ୍ରତ୍ୟାଷା ପଟ୍ଟନାୟକ, ଇନ୍ଦ୍ରାଶିଶ ବେହେରା, ଜାଜ୍ଞସିନି ବିଶ୍ୱାଳ, ଉମାକାନ୍ତ ନିଆଲ, କୁନାଲ ଦୁରିଆ, ଇନ୍ଦିରା ଶବର,ଅନୁଭବ ପଟ୍ଟନାୟକ, ଆସମିନ ନିଶା, ମାନସ ସାହୁ, ଦିବ୍ୟଙ୍କା ନାଏକ, ତନିଶା ଦୀପ, ସୋରଭ ଧଙ୍ଗଡା ମାଝୀ ପ୍ରମୁଖ ଯୋଗଦେଇଥିଲେ। ଯୋଗଦେଇଥିଲେ।

ବର୍ଷାକ୍ତ ମହୁମାଛ ଆକ୍ରମଣରେ ବୃଦ୍ଧଙ୍କ ଶୋଚନୀୟ ମୃତ୍ୟୁ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ପତ୍ରାପାଲି(ଖ)ପଞ୍ଚାୟତ ସଦର ମହକୁମାରେ ବିଷାକ୍ତ ମହୁମାଛି ଆକ୍ରମଣରେ ପକ୍ଷୀରାଜ ଘିବେଲା(୬୦) ନାମକ ଜଣେ ବୃଦ୍ଧଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ବୁଧବାର ପକ୍ଷୀରାଜ ଗାଁରୁ ବାହାରି ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ରାସ୍ତାରେ ହଠାତ୍ ଶହ ଶହ ମହୁମାଛି ତାଙ୍କ ଉପରକୁ ମାଡ଼ି ଆସିଥିଲେ । ବୃଦ୍ଧଙ୍କୁ ମହୁମାଛିମାନେ ଏପରି ଭୟଙ୍କର ଭାବେ ଆକ୍ରମଣ କରିଥିଲେ ଯେ ସେ ଜୀବନ ବଞ୍ଚାଇବା ପାଇଁ ଚିତ୍କାର କରିବା ଛଡ଼ା ତାଙ୍କ ପାଖରେ ଅନ୍ୟ କୌଣସି ଉପାୟ ନଥିଲା। ସେ ଘଟଣାସ୍ଥଳରେ ଛଟପଟ ହେଉଥିଲେ ମଧ୍ୟ ମହୁମାଛିଙ୍କ ଭୟରେ ଗ୍ରାମବାସୀ କେହି ତାଙ୍କ ପାଖକୁ ଯିବାକୁ ସାହସ କରିପାରିନଥିଲେ ।ବୃଦ୍ଧଙ୍କୁ ମହୁମାଛିଙ୍କ ଆକ୍ରମଣ ଥମିବା ପରେ ନିଆଁର ଧୂଆଁ ସାହାଯ୍ୟରେ ଗ୍ରାମବାସୀମାନେ ତାଙ୍କୁ ଉଦ୍ଧାର କରିଥିଲେ । ତାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ପରିବାର ଲୋକେ ପ୍ରଥମେ ତାଙ୍କୁ ଟିଟିଲାଗଡ଼ ମେଡିକାଲ ଓ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ବଲାଙ୍ଗିରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତକଙ୍କ ତିନି ବିବାହିତା ଝିଅ ଓ ଦୁଇ ପୁଅ ଥିବା ଜଣାପଡ଼ିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ଏପରି ଏକ ଅଭାବନୀୟ ଘଟଣାରେ ଶୋକସନ୍ତପ୍ତ ପକ୍ଷୀରାଜଙ୍କ ପରିବାରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପାଇଁ ପ୍ରସ୍ତୁତି ବୈଠକ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାକୁ ସୁବ୍ୟବସ୍ଥିତ ଓ ଆକର୍ଷଣୀୟ ଢଙ୍ଗରେ ଆୟୋଜନ କରିବା ନେଇ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁବାଷ ଚନ୍ଦ୍ର ରଇତଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ପ୍ରସ୍ତାବିତ ଦୁଇଦିନିଆ ମେଳା ପୋଲିସ ପଡ଼ିଆରେ ଡିସେମ୍ବର ଶେଷ ଭାଗ କିମ୍ବା ଜାନୁଆରୀ ପ୍ରଥମ ଭାଗରେ ଆୟୋଜନ କରିବା ନେଇ ଆଲୋଚନା ହୋଇଛି । ମେଳାରେ ପ୍ରାୟ ୨୦ଟି ଷ୍ଟଲ ମାଧ୍ୟମରେ ମତ୍ସ୍ୟଚାଷ, ପଶୁପାଳନ, କୃଷି, ଆଧୁନିକ ପ୍ରଯୁକ୍ତି ଓ ସରକାରୀ ଯୋଜନା ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଯିବ । ବୈଠକରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଖେନ୍ଦୁ ରାୟ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜଗବନ୍ଧୁ ପଟେଲ, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ତୁଷାର ଦୀପଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ ।

ହସ୍ତଶିଳ୍ପ ଶିକ୍ଷାର ମୁଖ୍ୟଧାରା ଉପରେ ଜାତୀୟ ଆଲୋଚନା

ଭବାନୀପାଟଣା,(ସବ୍ୟୁ): ଜାତୀୟସ୍ତରରେ ଓଡ଼ିଶାର ସମୃଦ୍ଧ ପାରମ୍ପରିକ କଳା, ହସ୍ତଶିଳ୍ପ ଓ ଲୋକସଂସ୍କୃତିର ପ୍ରତିନିଧିତ୍ୱ କରି କଳାହାଣ୍ଡି ଜିଲ୍ଲା ପାଇଁ ଗୌରବ ଆଣିଛି ଭବାନୀପାଟଣାସ୍ଥିତ କଳାହାଣ୍ଡି କଲେଜ ଅଫ ଆର୍ଟ ଆଣ୍ଡ ରିସର୍ଚ୍ଚ। ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀର ଲୋଧି ରୋଡ ସ୍ଥିତ ସ୍କୋପ କନଭେନସନ ସେଣ୍ଟରଠାରେ ଆୟୋଜିତ ଦୁଇଦିନିଆ ଜାତୀୟ ସେମିନାରରେ ଓଡ଼ିଶାରୁ ଏହି ଅନୁଷ୍ଠାନର ପ୍ରତିନିଧି ତଥା ପ୍ୟାନେଲିଷ୍ଟ ଭାବେ ଚିତ୍ରୁ ପ୍ରସାଦ ନାୟକ ଯୋଗଦେଇଛନ୍ତି । ସେମିନାରରେ ହସ୍ତଶିଳ୍ପ ଶିକ୍ଷାର ବିକାଶ ଓ ଏହାକୁ ମୁଖ୍ୟଧାରାରେ ସାମିଲ କରିବା ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଛି। ବର୍ତ୍ତମାନ ସମୟରେ ପାରମ୍ପରିକ କଳା ଓ ହସ୍ତଶିଳ୍ପର ସଂରକ୍ଷଣ ସହ ଏହାକୁ ଶିକ୍ଷା ବ୍ୟବସ୍ଥାର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି । ଏହି ଉଦ୍ଦେଶ୍ୟକୁ ଆଗରେ ରଖି ବୟନ ମନ୍ତ୍ରଣାଳୟ ପକ୍ଷରୁ ଏହି ଜାତୀୟ ସେମିନାର ଆୟୋଜନ କରାଯାଇଛି ।

କାର୍ ପୋଡି ଘଟଣାରେ ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ନୂଆଗୁଜାତଳ ଗ୍ରାମର କାର ପୋଡି ଘଟଣାରେ ହୀରାକୁଦ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣକ ଲରପଙ୍କ ଖଡିଆପଡାର ଯଶବନ୍ତ ଭୁଏ(୩୬) ବୋଲି ଜଣାପଡିଛି। ଏଥିସହ ଘଟଣାରେ ବ୍ୟବହୃତ ବୁଲେଟ୍ ଗାଡି ନମ୍ବର(ଓଡି୧୫ଭି-୧୯୩୩) ଓ ମୋବାଇଲ ଫୋନ ଜବତ ହୋଇଛି। ସୂଚନାଯୋଗ୍ୟ, ନୂଆଗୁଜାତଳ ଗ୍ରାମର ଉମାଶଙ୍କର ଗୌଡ ନିଜ କାର ଗାଡି ନମ୍ବର(ଓଡି ୧୫ଏସ୍- ୪୬୮୧)କୁ ଘର ସମ୍ମୁଖରେ ପାର୍କିଂ କରିଥିବା ବେଳେ କେହି ଅଜଣା ଦୁବୃର୍ତ୍ତ ଗତ ୪ତାରିଖ ରାତିରେ ନିଆଁ ଲଗାଇ ଦେଇଥିଲେ। ଫଳରେ କାରର ପଛପଟ ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ଅଭିଯୋଗ ପରେ ହୀରାକୁଦ ଥାନା ପୋଲିସ ୨୩୩/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଘଟଣାସ୍ଥଳର ସିସିଟିଭି ଫୁଟେଜ ଆଧାରରେ ପୋଲିସ ତଦନ୍ତ କରି ଜଣେ ଯୁବକଙ୍କୁ ଗିରଫ କରିଛି। ତେବେ ଘଟଣାରେ ସଂପୃକ୍ତ ଅନଯ ୩ଜଣଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇ ପାରିନାହିଁ ।

ଧାନ ଅମଳ ବେଳେ ଅଦିନିଆ ବର୍ଷାର ଚଡ଼କ

ଅମ୍ବାଭୋନା,(ସବ୍ୟୁ): ମୁଣ୍ଡର ଝାଳ ତୁଣ୍ଡରେ ମାରି ବର୍ଷକର ଫସଲକୁ ଅମଳ କରିବାକୁ ଅପେକ୍ଷା କରିଥିଲା ଚାଷୀ । ହେଲେ ଘରକୁ ଧାନ ଆସିବା ପୂର୍ବରୁ ପ୍ରକୃତିର ଦାଉ ସବୁ ଆଶାକୁ ଧୂଳିସ୍ୟା କରିଦେଇଛି । ଦୁଇ ଦୁଇଟି ବାତ୍ୟାର ପ୍ରଭାବରେ ପୂର୍ବରୁ କ୍ଷତି ସହିଥିବା ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ଚାଷୀଙ୍କ ପାଇଁ ପୁଣି ଅଦିନିଆ ବର୍ଷା ଏକ ନୂଆ ବିପତ୍ତି ହୋଇ ଉଭା ହୋଇଛି । ଅମଳର ଠିକ ପୂର୍ବରୁ ଲଗାତାର ବର୍ଷା ଓ ପବନ ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ଚଳିତ ଖରିଫ ଋତୁରେ ଅମ୍ବାଭୋନା ବ୍ଲକରେ ଧାନ ଫସଲର ସ୍ଥିତି ଭଲ ରହିଥିବାରୁ ଚାଷୀଙ୍କ ମନରେ ଭଲ ଅମଳର ଆଶା ଥିଲା । ଧାନ ବିହନଠାରୁ ଆରମ୍ଭ କରି ସାର, କୀଟନାଶକ, ଚାଷ ଓ ଶ୍ରମିକ ମଜୁରି ପର୍ଯ୍ୟନ୍ତ ପ୍ରତିଟି କାର୍ଯ୍ୟରେ ଚାଷୀ ବିପୁଳ ଅର୍ଥ ବିନିଯୋଗ କରିଥିଲେ । ଅନେକ ଚାଷୀ ଧାରକରଜ କରି ଚାଷ କାର୍ଯ୍ୟ ତୁଲାଇଥିବା ବେଳେ ଫସଲ ବିକ୍ରିରୁ ଋଣ ପରିଶୋଧ ସହ ପରିବାରର ଆର୍ଥିକ ସ୍ଥିତି ସୁଧୁରିବ ବୋଲି ଆଶା ବାନ୍ଧିଥିଲେ। ମାତ୍ର ପାଚିଲା ଧାନ କ୍ଷେତରେ ପ୍ରକୃତିର ଅଚାନକ ପ୍ରହାର ସେମାନଙ୍କ ସମସ୍ତ ଯୋଜନାକୁ ବିଗାଡ଼ି ଦେଇଛି । ବର୍ଷା ସାଙ୍ଗକୁ ପବନର ପ୍ରଭାବରେ ବିଭିନ୍ନ ଅଞ୍ଚଳରେ ପାଚିଲା ଧାନଗଛ ମାଟିରେ ଲୋଟି ପଡ଼ିଛି । କେତେକ ଜମିରେ ବର୍ଷାଜଳ ଜମି ରହିବାରୁ କଟା ହୋଇଥିବା ଧାନ ମଧ୍ୟ ଭିଜିବା ସହ ଅମଳ ଅପେକ୍ଷାରେ ଥିବା ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । ଦୀର୍ଘ ସମୟ ଧରି ଧାନ ପାଣିରେ ଭିଜି ରହିଲେ କେଣ୍ଡାରେ ଗଜା ବାହାରିବା, ଧାନର ରଙ୍ଗ ଓ ମାନ ନଷ୍ଟ ହେବା ସହ ଉତ୍ପାଦନ ହ୍ରାସ ପାଇବାର ଭୟ ରହିଛି । ଏଭଳି ସ୍ଥିତିରେ ଧାନ ଅମଳ କରିବା ଯେତିକି କଷ୍ଟକର, ମଣ୍ଡିରେ ତାହାକୁ ବିକ୍ରି କରିବା ମଧ୍ୟ ସେତିକି ଚିନ୍ତାଜନକ ହୋଇପଡ଼ିଛି ।

ଅନ୍ୟପଟେ ବର୍ଷା ଯୋଗୁଁ ଅମଳ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ ଚାଷୀଙ୍କ ଖର୍ଚ୍ଚ ଆହୁରି ବଢ଼ିବାର ଆଶଙ୍କା ରହିଛି । ଧାନ କାଟିବା, ଶୁଖାଇବା ଓ ସୁରକ୍ଷିତ ଭାବେ ଘରକୁ ଆଣିବା ନେଇ ଚାଷୀ ଚିନ୍ତିତ । ମଣ୍ଡି ଖୋଲିବା ସମୟ ପାଖେଇ ଆସୁଥିବା ବେଳେ ଭିଜା ଓ ଭୂମିଶାୟୀ ଧାନର ମାନକୁ ନେଇ ଧାନ ବିକ୍ରି ସମୟରେ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ମଧ୍ୟ ଚାଷୀଙ୍କୁ ଘାରିଛି । ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଦୁଇଟି ବାତ୍ୟାର ପ୍ରଭାବରେ ଅଦିନିଆ ବର୍ଷା ଯୋଗୁଁ ଅମ୍ବାଭୋନା ଅଞ୍ଚଳର ଚାଷୀମାନେ ଫସଲ କ୍ଷତିର ସମ୍ମୁଖୀନ ହୋଇଥିଲେ। ସେହି କ୍ଷତିରୁ ସମ୍ପୂର୍ଣ୍ଣ ଭାବେ ମୁକୁଳି ନଥିବା ବେଳେ ପୁଣି ଏକ ବାତ୍ୟାଜନିତ ବର୍ଷା ସେମାନଙ୍କ ପାଇଁ ଆଉ ଏକ ବଡ଼ ଆଘାତ ସାଜିଛି । ପ୍ରତିଥର ପ୍ରକୃତିର କୋପ ସହିବାକୁ ପଡୁଥିବା ଚାଷୀଙ୍କ କ୍ଷତି ଭରଣା କିଏ କରିବ, ଏବେ ତାହା ଏକ ବଡ଼ ପ୍ରଶ୍ନ । ଏଭଳି ପରିସ୍ଥିତିରେ କେବଳ ମୌଖିକ ଆଶ୍ୱାସନା ନୁହେଁ, ଚାଷୀଙ୍କୁ ତୁରନ୍ତ ବାସ୍ତବ ସହାୟତା ଯୋଗାଇଦେବା ଆବଶ୍ୟକ। କୃଷି ବିଭାଗ ଓ ରାଜସ୍ୱ ବିଭାଗର ମିଳିତ ଟିମ ଗଠନ କରି କ୍ଷତିଗ୍ରସ୍ତ ଜମିର ସ୍ଥଳସ୍ତରୀୟ ତଦନ୍ତ ଓ ସଠିକ ଆକଳନ କରିବା ସହ ପ୍ରଭାବିତ ଚାଷୀଙ୍କୁ ନିୟମାନୁଯାୟୀ କ୍ଷତିପୂରଣ ଓ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଚାଷୀ ମହଲରୁ ଦାବି ହୋଇଛି । ଏଥିସହ ଭିଜା ଧାନର ଗୁଣବତ୍ତା ଯାଞ୍ଚ ଓ ମଣ୍ଡିରେ ବିକ୍ରି ସମୟରେ ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ମଧ୍ୟ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ । ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତି ସହୁଥିବା ଅମ୍ବାଭୋନାର ଚାଷୀଙ୍କୁ ଏଥର ସରକାର କେତେ ଶୀଘ୍ର ସହାୟତାର ହାତ ବଢ଼ାଉଛନ୍ତି, ତାହାକୁ ନେଇ ସମଗ୍ର ଚାଷୀକୁଳ ଅପେକ୍ଷାରେ ରହିଛନ୍ତି ।

ଯୁବ ଆଇନଜୀବୀ ମାନସ ରଞ୍ଜନ ସଂଙ୍କ ପରଲୋକ



କୋକସରା,(ସବ୍ୟୁ) : କଳ

ସମ୍ପାଦକୀୟ

ଓଡ଼ିଶାର ଅନ୍ୟତମ ବରପୁତ୍ର ମହତାବଜୀ



'ଶେଷଦିନ ଭଦ୍ରଖରେ ଅତିଥିମାନଙ୍କ ସେବା କରିବାରେ ଗୌରବ ଯେତେବେଳେ ମୋତେ ମିଳିଗଲା, ମୁଁ ସ୍ଥିର କଲି ଯେ ଅତିଥିମାନେ ଯାହା ଚାହିଁବେ ମୁଁ ସେପରି ବନ୍ଦୋବସ୍ତ କରିବି। ଗାନ୍ଧିଜୀଙ୍କ ସାଙ୍ଗରେ ବୁଟୋ ପ୍ରଭୃତି ଯେଉଁମାନେ ମାଂସାହାରୀ ଥିଲେ, ସେମାନେ ଗତ କେତେଦିନ ହେଲା ଅସ୍ଥିରତା ଅନୁଭବ କରୁଥିଲେ। ମୁଁ ଭଦ୍ରଖ ଡାକବଙ୍ଗଳାରେ ସେମାନଙ୍କ ରୁଚି ଅନୁଯାୟୀ ଖାଦ୍ୟର ବନ୍ଦୋବସ୍ତ କଲି। ଯେଉଁମାନେ ମୋ ଘରେ ରହିଲେ ସେମାନଙ୍କ ପାଇଁ ନିରାମିଷ ଭଲ ଖାଦ୍ୟର ବନ୍ଦୋବସ୍ତ କଲି। ସମସ୍ତେ ଖୁସି ହେଲେ; କିନ୍ତୁ ମୀରା ବେନ ଗାନ୍ଧିଜୀଙ୍କଠାରେ ଆପତ୍ତି କଲେ ଯେ ଯାତ୍ରା ଭିତରେ ମୁଁ ଅନେକ ଯାତ୍ରୀଙ୍କ ପାଇଁ ମାଂସାହାରର ବ୍ୟବସ୍ଥା କରିଥିଲି। ଗାନ୍ଧିଜୀ ମୋତେ ପଚାରିବାରୁ ମୁଁ କହିଥିଲି ଯେ ଗୃହକର୍ତ୍ତା ହିସାବରେ ମୋର କର୍ତ୍ତବ୍ୟ ଅତିଥିଙ୍କୁ ସନ୍ତୋଷଦାନ କରିବା ପାଇଁ ଖାଦ୍ୟର ବ୍ୟବସ୍ଥା କରିବା। ଏ ବିଷୟଟି ଖଡ଼ଗପୁରରେ ଆଲୋଚନା କରିବା ପାଇଁ ଗାନ୍ଧିଜୀ କହିଲେ। ସେଠି ଉଭୟ ପକ୍ଷର ଯୁକ୍ତି ଶୁଣି ଗାନ୍ଧିଜୀ ମତ ପ୍ରକାଶ କରିଥିଲେ ଯେ; ମୁଁ ଯାହା କରିଥିଲି ତାହା ଠିକ୍। କ୍ଷୁଦ୍ର ବିଚାରର ବହୁ ଊର୍ଦ୍ଧ୍ୱରେ ଥିଲେ ସେ ମହାନ ବ୍ୟକ୍ତିତ୍ୱ।' ('ଗାନ୍ଧିଜୀ ଓ ଓଡ଼ିଶା' ହରେକୃଷ୍ଣ ମହତାବ ଫାଉଣ୍ଡେସନ, କଟକ, ୨୦୦୮)।

୧୯୪୮ ଏପ୍ରିଲ ୧୩ ତାରିଖରେ ମହତାବଜୀ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କୁ ଡାକିଆଣି ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା ଲାଗି ତାଙ୍କ ହାତରେ ଶୁଭ ଦେଇଥିଲେ। ୧୯୪୯ ମସିହା ଜୁନ୍ ୮ ତାରିଖରେ କଟକରୁ ସ୍ଥାନାନ୍ତରିତ ହୋଇ ଭୁବନେଶ୍ୱରରେ ରାଜଧାନୀ ଆରମ୍ଭ ହେଲା ଓ ନୂଆ ରାଜଧାନୀ ବସିଲା ୧୦ ଅକ୍ଟୋବର ୧୯୪୯ରେ। ସେହି ନୂତନ ରାଜଧାନୀର କଳେବର ଏବେ ବିରାଟ ହୋଇଛି। ସେହି ଅନୁପାତରେ ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଆଉ ରାଜ୍ୟର ପ୍ରାୟ ସବୁ ଅଞ୍ଚଳର ଜନସାଧାରଣଙ୍କ ପାଇଁ ଏହା ଏକ ସର୍ବୋତ୍କୃଷ୍ଟ ରାଜଧାନୀରେ ପରିଣତ ହୋଇପାରିଛି। ତେଣୁ ମହତାବ ମନେପଡୁଛନ୍ତି।

ପ୍ରକୃତରେ ୧୨୭ ବର୍ଷ ତଳେ ଭଦ୍ରକ ଅନ୍ତର୍ଗତ ଆଗରପଡ଼ାରେ ୧୮୯୯ ମସିହା ନଭେମ୍ବର ମାସ ୨୧ ତାରିଖରେ (ଆଜିର ଦିନରେ) ଓଡ଼ିଶାର ଅନ୍ୟତମ ବରପୁତ୍ର ହରେକୃଷ୍ଣ ମହତାବ ଜନ୍ମଗ୍ରହଣ କରିଥିଲେ। ଜଣେ ଗାନ୍ଧିବାଦୀ, ସ୍ୱାଧୀନତା ସଂଗ୍ରାମୀ, ଐତିହାସିକ, ସାହିତ୍ୟିକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ଓଡ଼ିଶାର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ତଥା ଅବିଭକ୍ତ ବମ୍ବେର ପୂର୍ବତନ ରାଜ୍ୟପାଳ ଭାବେ ଦେଶବାସୀ ଓ ରାଜ୍ୟବାସୀ ତାଙ୍କର ଅବଦାନକୁ ଭୁଲିପାରିବେ ନାହିଁ। ନେତାଜୀ ସୁଭାଷଚନ୍ଦ୍ର ବୋଷ ତାଙ୍କୁ କଂଗ୍ରେସ ଦଳର ଜାତୀୟ କାର୍ଯ୍ୟକାରୀ କମିଟିରେ ସଦସ୍ୟ କରାଇଥିଲେ। ସମ୍ଭବତଃ ସେ ଥିଲେ ସର୍ବ କନିଷ୍ଠ କାର୍ଯ୍ୟକାରୀ କମିଟିର ସଦସ୍ୟ। କଂଗ୍ରେସ ଦଳରେ ରହି ସମଗ୍ର ଭାରତ ପାଇଁ ଏବଂ ନିଜ ରାଜ୍ୟ ଓଡ଼ିଶା ପାଇଁ ସେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ଅନେକ ଜନହିତକର କାର୍ଯ୍ୟକରି ପ୍ରଶଂସିତ ହୋଇଥିଲେ।

କେବଳ ସେତିକି ନୁହେଁ, ଲୋକମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରି ସଚେତନତା ଆଣିବା ପାଇଁ ସେ 'ପ୍ରଜାତନ୍ତ୍ର' ସମ୍ବାଦପତ୍ର ଆରମ୍ଭ କରିଥିଲେ। ନିଜେ ଜଣେ ସେ ବିଶିଷ୍ଟ ସାହିତ୍ୟିକ ହୋଇଥିବାରୁ ସ୍ୱାଧୀନତାର ପ୍ରାକ୍ କାଳରେ ସେ ପ୍ରଜାତନ୍ତ୍ରସମେତ ସାହିତ୍ୟ ପତ୍ରିକା 'ଝଙ୍କାର' ଓ ଶିଶୁ ପତ୍ରିକା 'ମୀନା ବଜାର' ପ୍ରଭୃତିର ପ୍ରକାଶନ ମଧ୍ୟ କରାଇଥିଲେ। ଏସବୁ ପାଇଁ ସେ 'ପ୍ରଜାତନ୍ତ୍ର ପ୍ରଚାର ସମିତି' ଟ୍ରଷ୍ଟ ନିଜ ଅଧ୍ୟକ୍ଷତାରେ ଗଠନ କରିଥିଲେ। 'ପ୍ରଜାତନ୍ତ୍ର'ର ଦୁର୍ଦ୍ଦିନରେ ସେ ସମୟରେ ପୂର୍ବତନ ମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କୁ ଡାକି 'ପ୍ରଜାତନ୍ତ୍ର ପ୍ରଚାର ସମିତି'ର କାର୍ଯ୍ୟକାରୀ ଅଧ୍ୟକ୍ଷ ଦାୟିତ୍ୱ ମହତାବଜୀ ତାଙ୍କ ଶେଷ ଜୀବନରେ ଦେଇଥିଲେ। ପରେ ଡକ୍ଟର ମହତାବ ଅସୁସ୍ଥ ହୋଇ ଦେହତ୍ୟାଗ କରିବାରୁ ବସନ୍ତ ବାବୁ ପ୍ରଜାତନ୍ତ୍ର ପ୍ରଚାର ସମିତିରୁ ଅବ୍ୟାହତି ନେଇଥିଲେ। ପରେ ସେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ମଧ୍ୟ ହୋଇଥିଲେ ଏବଂ ସେ ଯଦିଓ ଲେଖକ ନ ଥିଲେ ତଥାପି ଲେଖକ ଓ ସାହିତ୍ୟିକମାନଙ୍କୁ ଖୁବ୍ ଭଲ ପାଉଥିଲେ ଏବଂ ରାଜ୍ୟରେ ଏକ ଅତ୍ୟାଧୁନିକ ସମ୍ବାଦପତ୍ର ପ୍ରକାଶନ ପାଇଁ ଇଚ୍ଛା କରିଥିଲେ। ତାହା ସମ୍ଭବ ହୋଇଥିଲା। ସମ୍ବାଦପତ୍ରର ନାମ ରଖାଗଲା 'ସମୟ'। ଏହି 'ସମୟ' ସମ୍ବାଦପତ୍ରଟି ଏବେ ତିରିଶ ବର୍ଷ ଅତିକ୍ରମ କରିପାରିଛି। ଅଥଚ ବସନ୍ତ ବାବୁ, ଯିଏକି ମହତାବ ବାବୁଙ୍କଠାରୁ ପ୍ରେରଣା ଲାଭ କରି ଏହି 'ସମୟ' ଆରମ୍ଭ କରିଥିଲେ, ଆଜି ମହତାବ ବାବୁ ନାହାନ୍ତି କି ବସନ୍ତ ବାବୁ ମଧ୍ୟ ନାହାନ୍ତି।

ଏହାବ୍ୟତୀତ ୧୯୪୮ ଏପ୍ରିଲ ୧୩ ତାରିଖରେ ମହତାବଜୀ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କୁ ଡାକିଆଣି ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା ଲାଗି ତାଙ୍କ ହାତରେ ଶୁଭ ଦେଇଥିଲେ। ୧୯୪୯ ମସିହା ଜୁନ୍ ୮ ତାରିଖରେ କଟକରୁ ସ୍ଥାନାନ୍ତରିତ ହୋଇ ଭୁବନେଶ୍ୱରରେ ରାଜଧାନୀ ଆରମ୍ଭ ହେଲା ଓ ନୂଆ ରାଜଧାନୀ ବସିଲା ୧୦ ଅକ୍ଟୋବର ୧୯୪୯ରେ। ସେହି ନୂତନ ରାଜଧାନୀର କଳେବର ଏବେ ବିରାଟ ହୋଇଛି। ସେହି ଅନୁପାତରେ ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଆଉ ରାଜ୍ୟର ପ୍ରାୟ ସବୁ ଅଞ୍ଚଳର ଜନସାଧାରଣଙ୍କ ପାଇଁ ଏହା ଏକ ସର୍ବୋତ୍କୃଷ୍ଟ ରାଜଧାନୀରେ ପରିଣତ ହୋଇପାରିଛି। ତେଣୁ ମହତାବ ମନେପଡୁଛନ୍ତି।

ସମ୍ପାଦକୀୟ ପୃଷ୍ଠା ପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ। (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ।
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟ ଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ। ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି।

ଅମର୍ତ୍ତ୍ୟ ଶରତ



ଡକ୍ଟର ଚିତ୍ତରଂଜନ ମିଶ୍ର

ଓଡ଼ିଶାର ଶିଳ୍ପ ବିପ୍ଳବର ପୁରୋଧା ତଥା ଅବିନାଶୀ, ଅମର ଓ ଦିବ୍ୟ ଚେତନା ସମୃଦ୍ଧ ଯୁଗପୁରୁଷ ଥିଲେ ଶରତ। ରୋପ୍ୟ ନଗରୀ କଟକର ମାଟି ବୁକୁରେ ଆବିର୍ଭାବ ହୋଇଥିଲେ ସେ ୨୨ ଜୁଲାଇ, ୧୯୫୦ ମସିହାରେ। ହଜାର ବର୍ଷର ସହର କଟକର ପାଣି, ପବନ, ଧୂଳି, ମାଟି ଓ ଜନଜୀବନ ସହ ସେ ନିଜକୁ ଏକାକାର କରି ଦେଇଥିଲେ। କଟକ ଥିଲା ତାଙ୍କର ସର୍ବସ୍ୱ - ତାଙ୍କ ଜୀବନ, ପ୍ରାଣ, ଆତ୍ମା ଓ ଅସ୍ତିତ୍ୱର ପରିଚୟ। କଟକକୁ ନିଜଠାରୁ ଅଧିକ ଭଲପାଉଥିବା ମଣିଷ ପରି ମଣିଷଟିଏ ଥିଲେ ସେ। ଜଣେ 'ଖାଣ୍ଟି କଟକିଆ' ବୋଲି ନିଜର ପରିଚୟ ଦେବାକୁ ସେ ଖୁବ୍ ଭଲ ପାଉଥିଲେ। ତାଙ୍କର ସର୍ଜନା ହୋଇଥିଲା, ନିର୍ମାଣ ହୋଇଥିଲା, ପ୍ରତିଷ୍ଠା ହୋଇଥିଲା ପୁଣ୍ୟତୋୟା ମହାନଦୀ ଓ କାଠଯୋଡିର ତୀରତରଙ୍ଗରେ। ସ୍ୱପ୍ନବିଦଗ୍ଧ ମଣିଷଟିଏ ଥିଲେ ସେ। ସ୍ୱପ୍ନକୁ ସାରଥି କରି, ଜୀବନକୁ ପଣ କରି, ବିବେକ ସହ ବନ୍ଧୁତ୍ୱ ବାନ୍ଧି ନିଜପାଇଁ ଚଲାପଥଟିଏ ସୃଷ୍ଟି କରିଥିଲେ ସେ। ଆଉ ତାହା ଥିଲା ତାଙ୍କ ସ୍ୱପ୍ନର କୋଣାର୍କ 'ଓମ୍ ଅଏଲ୍ ଆଣ୍ଡ ଫ୍ୟାର ମିଲ୍ସ ଲିମିଟେଡ'। ଏହା ଥିଲା ୧୯୭୬ ମସିହାର ଘଟଣା। ସେତେବେଳକୁ ଶରତଙ୍କ ବୟସ ଥିଲା ମାତ୍ର ୨୬ବର୍ଷ। ପରମପୂଜ୍ୟ ପିତା ଶ୍ରୀ ବନମାଳୀ ସାହୁ ଓ ଜଣେ ସହାୟକଙ୍କ ସହ ମିଶି ଶରତ ଅଣ୍ଟା ଭିଡିଲେ ଏବଂ କଟକର ଶିଳ୍ପାଞ୍ଚଳରେ ୪୦' x ୪୦' ପରିସୀମା ବିଶିଷ୍ଟ ଏକ ଇଣ୍ଡଷ୍ଟ୍ରିଆଲ ସେଡ୍ ବା କାରଖାନା ଗୃହରେ ଗଢି ତୋଳିଲେ ତାଙ୍କର ଶିଳ୍ପକୁ। କଟକର ପୁରୁଣା ହିନ୍ଦ୍ ସିନେମା ଆଗରେ ତାଙ୍କ ପରିବାରର ଏକ ଅତ୍ୟନ୍ତ ଲୋକପ୍ରିୟ ରେଷ୍ଟୁରାଣ୍ଟ ଥିଲା ଏବଂ ସତୁରୀ ଦଶକର ମଧ୍ୟ ଭାଗରେ କଟକ ୟୁନିସିପାଲିଟି ସେହି ରେଷ୍ଟୁରାଣ୍ଟଟିର ଅନେକ ଅଂଶ ଭାଙ୍ଗି ଦେଇଥିଲା। ମାତ୍ର ୫୦୦୦ ଟଙ୍କାର ପୁଞ୍ଜି ହାତରେ ଧରି ତାଙ୍କର ସ୍ୱପ୍ନର କୋଣାର୍କ 'ରୁଚି ଫୁଡ ଲାଇନ'ର ସର୍ଜନା କରିଥିଲେ ଶରତ ଯାହାକି ଏବେ ତା'ର କଳେବର ବୃଦ୍ଧି କରି ୧୦୦୦ କୋଟି ଟଙ୍କାରୁ ଅଧିକ ମସଲା ସାମ୍ରାଜ୍ୟର ବିଶାଳ ରୂପରେଖ ଧାରଣ କରିଛି। ପରବର୍ତ୍ତୀ ସମୟରେ ୩୧ ମାର୍ଚ୍ଚ ୧୯୯୭ରେ ଏହା ଏକ ପବ୍ଲିକ ଲିମିଟେଡ କମ୍ପାନୀରେ ଫଳିକୃତ ହୋଇଥିଲା।

୨୬ ବର୍ଷର ଯୁବ ସୁଲଭ ଉଦ୍ଦାମତା ଓ ସପନ ବଣିକ ସାଜିବାର ଦୁର୍ଦ୍ଦମ ନିଶା ତାଙ୍କୁ ଜଣେ ଶିଳ୍ପୋଦ୍ୟୋଗୀ ଭାବେ ଗଢି ତୋଳିଥିଲା ଏବଂ ବିଶେଷ କରି ତାଙ୍କୁ ମସଲା ଶିଳ୍ପରେ ପ୍ରବେଶ କରିବାକୁ ପ୍ରଣୋଦିତ ଓ ପ୍ରଚୋଦିତ କରିଥିଲା। ମସଲା ଶିଳ୍ପର ଏକ ସ୍ୱତନ୍ତ୍ର 'ବ୍ରାଣ୍ଡ ଓଡିଶା' ସୃଷ୍ଟିକରିବା ଥିଲା ତାଙ୍କ ଜୀବନର ଅନିର୍ବାଣ ସ୍ୱପ୍ନ। ପ୍ରଚଣ୍ଡ ନିଷ୍ଠା, ପ୍ରବଳ ଆତ୍ମବିଶ୍ୱାସ, କଠିନ ପରିଶ୍ରମ, ଦୃଢ଼ ଲକ୍ଷ୍ୟସ୍ଥଳ, ଉତ୍ତମ ପରିଯୋଜନା ଓ ବିଶ୍ୱ ବଜାରକୁ ଆଖି ଆଗରେ ରଖି କଣ୍ଟକିତ ପଥରେ ଚାଲିବାର ପାଗଳାମି ରୁଚି ମସଲାର ଅଭ୍ୟୁଦୟ ପର୍ବକୁ ନବଦିଗନ୍ତ ପ୍ରଦାନ କରିଥିଲା।



ଓଡ଼ିଶାର ଜଣେ ସଫଳ ଶିଳ୍ପୋଦ୍ୟୋଗୀ ଭାବେ ନିଜକୁ ପ୍ରତିଷ୍ଠା କରିବା ସହ ଉତ୍କଳ ଭୂଖଣ୍ଡର ମହକ 'ରୁଚି' ମସଲାକୁ ଦେଶ ବିଦେଶର ବିଭିନ୍ନ 'ଆନ୍ତର୍ଜାତିକ ଶିଳ୍ପମେଳା'ରେ ଉପସ୍ଥାପନ କରି ଅପର୍ଯ୍ୟାପ୍ତ ସମ୍ମାନ ଲାଭ କରିଛନ୍ତି ଶରତ... ରୁଚି ମସଲା ଆଜି କେବଳ ଓଡିଆ ଘରର ଗୃହିଣୀଙ୍କ ରୋଷେଇ ଘରର ଶୋଭା ବର୍ଦ୍ଧନ କରୁନାହିଁ, ବରଂ ଏହା ଏକ ଆନ୍ତର୍ଜାତିକ ବ୍ରାଣ୍ଡର ମାନ୍ୟତା ଲାଭ କରି ସମଗ୍ର ବିଶ୍ୱରେ ନିଜର ଅଖଣ୍ଡ ସ୍ଥିତି ଜାହିର କରିପାରିଛି।

ଓଡିଶାର ଜଣେ ସଫଳ ଶିଳ୍ପୋଦ୍ୟୋଗୀ ଭାବେ ନିଜକୁ ପ୍ରତିଷ୍ଠା କରିବା ସହ ଉତ୍କଳ ଭୂଖଣ୍ଡର ମହକ 'ରୁଚି' ମସଲାକୁ ଦେଶ ବିଦେଶର ବିଭିନ୍ନ 'ଆନ୍ତର୍ଜାତିକ ଶିଳ୍ପମେଳା'ରେ ଉପସ୍ଥାପନ କରି ଅପର୍ଯ୍ୟାପ୍ତ ସମ୍ମାନ ଲାଭ କରିଛନ୍ତି ଶରତ। ଯଥାର୍ଥରେ ସେ ଥିଲେ 'Spice Man of Odisha' ଓ ଏହି ପଦବୀରେ ତାଙ୍କୁ ଅଭିଷିକ୍ତ କରିଥିଲେ ସାଢେ ୪ କୋଟି ଓଡିଆ ପ୍ରାଣ। ରୁଚି ମସଲା ଆଜି କେବଳ ଓଡିଆ ଘରର ଗୃହିଣୀଙ୍କ ରୋଷେଇ ଘରର ଶୋଭା ବର୍ଦ୍ଧନ କରୁନାହିଁ, ବରଂ ଏହା ଏକ ଆନ୍ତର୍ଜାତିକ ବ୍ରାଣ୍ଡର ମାନ୍ୟତା ଲାଭ କରି ସମଗ୍ର ବିଶ୍ୱରେ ନିଜର ଅଖଣ୍ଡ ସ୍ଥିତି ଜାହିର କରିପାରିଛି।

କେବଳ ଶରତ ନୁହଁନ୍ତି ତାଙ୍କର ଧର୍ମପତ୍ନୀ, ପୁଅ, ଝିଅ, ବୋହୂ, ସମସ୍ତେ ମିଳିମିଶି ଶରତଙ୍କ ପଦାଙ୍କ ଅନୁସରଣକରି ରୁଚି ମସଲାର ମହାଯଜ୍ଞରେ ସାମିଲ ହୋଇଛନ୍ତି। ଶରତଙ୍କ ଅବର୍ତ୍ତମାନରେ ସେମାନଙ୍କ କାନ୍ଧ ଉପରେ ବୋଝ ବଢିଯାଇଛି। ୧୯୯୭ ମସିହାରେ ଶରତ ଆରମ୍ଭ କରିଥିବା "ରୁଚି ପ୍ରତିଭା ସମ୍ମାନ ସମାରୋହ" ଦୀର୍ଘ ୩୦ ବର୍ଷ ଧରି ଓଡିଶାର ଯଶସ୍ୱୀ ଓ ମହାନ ପ୍ରତିଭାଧରମାନଙ୍କୁ ସମ୍ମାନ ପ୍ରଦର୍ଶନ କରି ଆସୁଛନ୍ତି। ଶରତ ସ୍ୱର୍ଗାରୋହଣ କରିଥିଲେ ୨ ନଭେମ୍ବର, ୨୦୨୫ ମସିହାରେ। ପ୍ରଥମଥର ପାଇଁ ୨୦୨୬ ମସିହା ଠାରୁ ଦିବଙ୍ଗତ ଶରତଙ୍କ ଅମ୍ଲାନ ସ୍ମୃତି ଉଦ୍ଦେଶ୍ୟରେ 'ଡଃ ଶରତ ସାହୁ ସ୍ମୃତି ପୁରସ୍କାର' ପ୍ରଦାନ କରାଯିବାର ମହନୀୟ ପରମ୍ପରା ମଧ୍ୟ ଆରମ୍ଭ ହେଉଛି। ଏହା ନିଶ୍ଚିତ ରୂପେ ଏକ ଉତ୍ତମ କାର୍ଯ୍ୟ। ରୁଚି ଓଡିଶାର ଶିଳ୍ପ ବିପ୍ଳବରେ ଏକ ମାଇଲଖୁଣ୍ଟ ଭାବେ ସାବ୍ୟସ୍ତ ହୋଇଛି। ଏକ ଦିଗବାରେଣୀ ଭାବେ ରୁଚିର ଅବଦାନ ଅନନ୍ୟ ସାଧାରଣ। ରୁଚି ଶିଳ୍ପ କ୍ଷେତ୍ରରେ ଏକ 'ରୋଲ୍ ମଡେଲ' ଭାବେ ନିଜର ଉପସ୍ଥିତି ଜାହିର କରିଛି। ଏହା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ।

ଯେଉଁ କଟକ ମାଟି ଅମର୍ତ୍ତ୍ୟ ଶରତଙ୍କୁ ସୃଷ୍ଟି କରିଥିଲା, ସେହି କଟକ ମାଟି ମଧ୍ୟ ସୃଷ୍ଟି କରିଥିଲା କିମ୍ବଦନ୍ତୀ ପୁରୁଷ ବିଜୁ ବାବୁଙ୍କୁ। ମାତ୍ର ୩୫ବର୍ଷ ବୟସରେ ୧୯୫୧ ମସିହାରେ କଟକର ତୁଳସୀପୁର ସ୍ଥିତ 'ଆନନ୍ଦ ଭବନ'ରୁ ଗୋଡ କାଢି ବିଜୁ ବାବୁ ପହଞ୍ଚି ଥିଲେ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ର ଛାତି ଉପରେ ସଗର୍ବେ ଦଣ୍ଡାୟମାନ ହୋଇଥିବା ୟୁନେସ୍କୋର ମୁଖ୍ୟ କାର୍ଯ୍ୟାଳୟରେ। ହାତରେ ଥିଲା ୧୦୦୦ ପାଉଣ୍ଡର ଅର୍ଥରାଶି ଆଉ ସ୍ୱପ୍ନ ଥିଲା 'କଳିଙ୍ଗ ପୁରସ୍କାର'ର ପ୍ରତିଷ୍ଠା। ୟୁନେସ୍କୋର ମହାନିର୍ଦ୍ଦେଶକ ମେକ୍ସିକୋର Jaime Torres Bodetଙ୍କୁ ଭେଟି ୧୦୦୦ ପାଉଣ୍ଡର ଅର୍ଥରାଶି ସହ ଏକ ଦରଖାସ୍ତ ପ୍ରଦାନ କରି ବିଜ୍ଞାନକୁ ଲୋକପ୍ରିୟ କରିବା କ୍ଷେତ୍ରରେ ବିଶ୍ୱର ସର୍ବଶ୍ରେଷ୍ଠ ପୁରସ୍କାର 'କଳିଙ୍ଗ ପୁରସ୍କାର' ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ। ୟୁନେସ୍କୋ ବିଜୁ ବାବୁଙ୍କ ଅନୁରୋଧ ରକ୍ଷାକରି ୧୯୫୨ ମସିହାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୭୪ବର୍ଷ ଧରି ଏହି ଆନ୍ତର୍ଜାତିକ 'କଳିଙ୍ଗ ପୁରସ୍କାର' ପ୍ରଦାନ କରି ଆସୁଅଛି।

ପ୍ରବାଦ ପୁରୁଷ ବିଜୁ ବାବୁ ଓ ଅମର୍ତ୍ତ୍ୟ ଶରତଙ୍କ ମଧ୍ୟରେ ଥିବା ସାମଞ୍ଜସ୍ୟକୁ ଟିକେ ଲକ୍ଷ୍ୟ କରନ୍ତୁ ତ ! ବିଜୁ ବାବୁ ଥିଲେ କଟକ ମାଟିର ପୁଅ ଆଉ ଅମର୍ତ୍ତ୍ୟ ଶରତ ବି। ଉଭୟଙ୍କ ପାଇଁ ସମୟ କଡ ଲେଉଟାଇ ଥିଲା। ଏହି କଟକ ମାଟିରେ, ଆଉ ଉଭୟ ଥିଲେ ଓଡିଶାର ମହାନ 'ଶିଳ୍ପ ସମ୍ରାଟ'। ଉଭୟଙ୍କ ସ୍ୱପ୍ନର ଅଙ୍କୁରୋଦ୍‌ଗମ ହୋଇଥିଲା ଏଇ ମାଟିରେ। ଉଭୟଙ୍କର ସଂପତ୍ତି ଥିଲା ପ୍ରଚଣ୍ଡ ଆତ୍ମବିଶ୍ୱାସ ଏବଂ ଦୃଷ୍ଟି ଥିଲା ଦିଗବଳୟର ସେପାରିକୁ। ଉଭୟଙ୍କ ଜୀବନର ଶିଳାନ୍ୟାସ ହୋଇଥିଲା ଏହି ମାଟିରେ। ଉଭୟ ପ୍ରଚଣ୍ଡ ଭାବେ ଭଲ ପାଉଥିଲେ ଓଡିଶାକୁ ଓ ନିଜର ଅତି ଆପଣାର ଓଡିଆ ପୁଅଙ୍କୁ। ଉଭୟ ଥିଲେ ଖାରବେଳଙ୍କ ସୁଯୋଗ୍ୟ ଦାୟାଦ ଓ ଅମୃତର ସନ୍ତାନ। ଉଭୟ ଭଲ ପାଉଥିଲେ ଓଡିଶାର ମଟାଳମାଟି, ପାଣି, ପବନ ଓ ଆକାଶକୁ। ଓଡିଆତ୍ୱ ଥିଲା ଉଭୟଙ୍କ ଅସ୍ଥି ମଜ୍ଜାରେ। ଓଡିଶାର ଅସ୍ମିତା ପାଇଁ ଉଭୟ ଥିଲେ ଆଜୀବନ ଉତ୍ସର୍ଗୀକୃତ। ଏ ମାଟି ଥିଲା ଉଭୟଙ୍କ ପାଇଁ ସର୍ବସ୍ୱ। ଏ ମାଟିର ମାୟାରେ, ମମତାରେ, ଆଲିଙ୍ଗନରେ ବାନ୍ଧିହୋଇ ଯାଇଥିଲେ ଉଭୟ। ଉଭୟ ଥିଲେ କାଳଜୟୀ ଓ ଯଶସ୍ୱୀ। ଅଖଣ୍ଡ କୀର୍ତ୍ତିର ବାହକ ଉଭୟ ସପନ କୁହୁଡିରେ ପହଁରିବା ନିଶାରେ ଥିଲେ ପାଗଳ।

ଆଜି ଉଭୟ ଯଶୋଦେହେ ଆୟୁଷ୍ମାନ ହୋଇଯାଇଛନ୍ତି। ଉଭୟଙ୍କୁ ଝୁରୁଛି ଏ ମାଟି, ଏ ମାଟିର ଆବାଳ-ବୃଦ୍ଧ-ବନିତା। ରୁଚିର ରୂପକାର ଅମର୍ତ୍ତ୍ୟ ଶରତଙ୍କୁ ଏ ଜାତିର କୋଟି କୋଟି ପ୍ରଣାମ।

ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି
କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର
ବି-୩, ଏଚ.ଆଇ.ଜି କଲୋନୀ
ବରପୁଣ୍ଡା ହାଉସିଂ ବୋର୍ଡ
ଭୁବନେଶ୍ୱର-୭୫୧୦୦୩
ଫୋନ୍- ୯୩୩୮୨୦୪୯୩
ଇ-ମେଲ୍: crmishra49@yahoo.in

ସୂର୍ଯ୍ୟ ଓ ମୃତ୍ତିକା: ଏଗ୍ରିଭୋଲ୍ଟାଇକ୍ସ କ୍ଷେତ୍ରରେ ଓଡ଼ିଶା



ରୁପେଶ ସିଂ

କୃଷି ଓ ସୌରଶକ୍ତି ଉତ୍ପାଦନର ସମନ୍ୱୟ ଦିଗରେ ଓଡ଼ିଶା ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି ହୋଇଛି। ସମ୍ପ୍ରତି ଅନୁଷ୍ଠିତ ଏଗ୍ରିଭୋଲ୍ଟାଇକ୍ସ ବିଶ୍ୱ ସମ୍ମିଳନୀ ଏବଂ ରାଜ୍ୟରେ ଏକ ସ୍ୱତନ୍ତ୍ର ଏଗ୍ରି ଫଟୋଭୋଲ୍ଟାଇକ୍ସ (ଏଗ୍ରି-ପିଭି) ନୀତି ପ୍ରଣୟନ ପାଇଁ ଓଡ଼ିଶା ସରକାରଙ୍କ ଘୋଷଣା ଏହି କ୍ଷେତ୍ରରେ ବଢୁଥିବା ଆଗ୍ରହକୁ ସୂଚାଉଛି। ସମାନ ଜମିରେ କୃଷି ଉତ୍ପାଦନ ଓ ସୌରଶକ୍ତି ଉତ୍ପାଦନକୁ ଏକାଠି କରିବା ଲାଗି ଏହି ପଦକ୍ଷେପ ନେଇଥିବାରୁ ଓଡ଼ିଶାର ଉଦ୍ୟମ ପ୍ରଶଂସନୀୟ। ଜମିର ଦକ୍ଷତାପୂର୍ଣ୍ଣ ବ୍ୟବହାର କରୁଥିବା ଏହି ପ୍ରଯୁକ୍ତି ସୌର ପ୍ରକଳ୍ପ ପାଇଁ ଜମିର ଆବଶ୍ୟକତା ହ୍ରାସ କରିବା ସହ ଚାଷୀଙ୍କୁ ଆୟର ଏକ ଅତିରିକ୍ତ ଓ ନିୟମିତ ଅଂଶ ଯୋଗାଇପାରିବ।

ଓଡ଼ିଶାର କୃଷକ ସମାଜର ପ୍ରାୟ ୯୩ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀ। ତେଣୁ ରାଜ୍ୟରେ ଏଗ୍ରି-ପିଭିର ସମ୍ଭାବନାକୁ ସାକାର କରିବାରେ ସେମାନଙ୍କ ଭୂମିକ

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଦୁର୍ବଳ...

ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ନଦୀଗୁଡ଼ିକ ଜଳସ୍ତର ବୃଦ୍ଧି ପାଇଛି । ରଷିକୁଲ୍ୟା ନଦୀର ଅବବାହିକାର ସନ୍ଧ୍ୟା ୬ଟାରେ ସୋରଡ଼ାରେ ୭୬.୯୬ ମିଟର ଉପରେ ଜଳସ୍ତର ରହିଥିବା ବେଳେ ବିପଦ ସଙ୍କେତ ୮୧.୯୯ ମିଟର ରହିଛି । ପୁରୁଷୋତ୍ତମପୁରରେ ୧୪.୧୦ ମିଟର ଜଳସ୍ତର ଥିବା ବେଳେ ବିପଦ ୧୬.୮୪ ମିଟର ରହିଛି । ବଂଶଧାରା ନଦୀର ଅବବାହିକାର କାଶୀନଗରରେ ଜଳସ୍ତର ୫୨.୧୭ ମିଟର ଓ ବିପଦ ସଙ୍କେତ ୫୪.୬୦ ମିଟର ଏବଂ ଗଣ୍ଡୁପୁର ଠାରେ ଜଳସମ୍ଭର ୮୦.୨୭ ମିଟର ଥିବା ବେଳେ ବିପଦ ସଙ୍କେତ ୮୪ ମିଟର ରହିଛି । ଉପରୋକ୍ତ ନଦୀଗୁଡ଼ିକରେ ବନ୍ୟାର ଆଶଙ୍କା ନଥିବା ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି । ଶନିବାର ଠାରୁ ପାଗରେ ପରିବର୍ତ୍ତନ ହେବ । ଆକାଶ ମେଘମୁକ୍ତ ରହିବା ସହିତ ଶୀତ ଅନୁଭୂତ ହୋଇପାରେ। ଦୁଇଦିନ ପରେ ପାହାଡ଼ିଆ ଅଞ୍ଚଳରେ ରାତିର ତାପମାତ୍ରା ୧୦ ଡିଗ୍ରୀକୁ ଖସିଆସିପାରେ । ଏଥିସହ ଉପକୂଳ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ମଧ୍ୟ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବ । ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ପବନ ପ୍ରବାହିତ ହେଉଥିବାରୁ ରାଜ୍ୟରେ ତାପମାତ୍ରା କମିବ ଏବଂ ଥଣ୍ଡା ଅନୁଭୂତ ହେବ ।

ବିଶ୍ୱଶାନ୍ତିର...

କରିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହ ଏସ୍‌ସିଓ ସଦସ୍ୟ ଦେଶଗୁଡ଼ିକର ସଂଗ୍ରହାଳୟ, ପାଠାଗାର ଓ ଅଭିଲେଖାଗାରରେ ସଂରକ୍ଷିତ ପ୍ରାଚୀନ ପାଣ୍ଡୁଲିପି, ଦୁର୍ଲଭ ପୁସ୍ତକ, ଐତିହାସିକ ଦସ୍ତାବିଜ୍ ଓ କଳାକୃତିଗୁଡ଼ିକର ସୁରକ୍ଷା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ସାମୂହିକ ଐତିହ୍ୟର ଡିଜିଟାଇଜେସନ୍, ଅନୁବାଦ ଓ ମିଳିତ ଗବେଷଣା ପାଇଁ ସଦସ୍ୟ ଦେଶଗୁଡ଼ିକ ଏକାଠି କାମ କରିବା ଆବଶ୍ୟକ ବୋଲି କହିଥିଲେ। ଏକବିଂଶ ଶତାବ୍ଦୀରେ ପ୍ରଯୁକ୍ତିବିଦ୍ୟା ସାଂସ୍କୃତିକ ସଂଯୋଗକୁ ଅଧିକ ସହଜ କରିଛି। ପୂର୍ବରୁ ଯେଉଁ ଦୂରତା ଅତିକ୍ରମ କରିବାକୁ ମାସ ମାସ ସମୟ ଲାଗୁଥିଲା, ଏବେ ତାହା କିଛି ସେକେଣ୍ଡରେ ସମ୍ଭବ ହୋଇପାରୁଛି। ଏହି ସୁଯୋଗର ସଦୁପଯୋଗ କରି ସଦସ୍ୟ ଦେଶଗୁଡ଼ିକ ସାଂସ୍କୃତିକ ଆଦାନପ୍ରଦାନ ଓ ସହଯୋଗକୁ ଆହୁରି ବ୍ୟାପକ କରିବା ଉଚିତ ବୋଲି ମୋଦୀ କହିଥିଲେ।

ତିନିଦିନ...

କରିଥିଲେ। ଏତିକିରେ ବିରୋଧୀଙ୍କ ପ୍ରତିବାଦ ଥମିନଥିଲା ସରକାର ବିରୋଧୀ ନାରାକୁ ଜୋରଦାର କରିଥିଲେ । ଗୃହ କାର୍ଯ୍ୟ ସ୍ୱାଭାବିକ ନହେବାରୁ ପୂର୍ବାହ୍ନ ୧୦.୪୦ରୁ ସାଢ଼େ ୧୧ଟା ଯାଏ ଗୃହକୁ ମୁଲତବୀ ରଖିଥିଲେ ବାଚସ୍ପତି ସୁରମା ପାଢ଼ୀ ।

ଦିନ ୧୧.୩୦ରୁ ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ଗୃହ ମଧ୍ୟଭାଗକୁ ଆସିବାକୁ ପ୍ରସ୍ତୁତ ହେଉଥିବା ବେଳେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଘୋଷଣା କରିଥିଲେ ଯେ ଗତକାଲି ଏକ ସର୍ବଦଳୀୟ ବୈଠକ ବସିଥିଲା । ଏହି ବୈଠକରେ ବାତ୍ୟା ଅକୱାନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଆସନ୍ତାକାଲି(ଶନିବାର) ହେବାକୁ ଥିବା ଅଧିବେଶନକୁ ମୁଲତବୀ ଘୋଷଣା କରି ସେ କହିଥିଲେ, ବାତ୍ୟା ପ୍ରଭାବରେ ହେଇଥିବା ବର୍ଷା ଯୋଗୁ କ୍ଷୟକ୍ଷତି ଅଞ୍ଚଳକୁ ବିଧାୟକମାନେ ଯିବେ ବୋଲି ସର୍ବଦଳୀୟ ବୈଠକରେ ନିଷ୍ପତ୍ତି ହୋଇଛି । ତେଣୁ ୨୧ ତାରିଖର ପ୍ରଶ୍ନପତ୍ରକୁ ଆସନ୍ତା ୨୩ ତାରିଖରେ ପ୍ରଶ୍ନକାଳରେ ଗୃହରେ ଉପସ୍ଥାପନା କରାଯିବ । ଏହାପରେ ପୂର୍ବାହ୍ନ ୧୧.୩୧ରୁ ଆସନ୍ତା ୨୩ ତାରିଖ ୧୦ଟା ୩୦ ସୁଦ୍ଧା ଗୃହକୁ ମୁଲତବୀ ରଖାଯାଇଥିଲା ।

ଗୃହ ବାହାରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କହିଥିଲେ, କୋଟିଆ ପ୍ରସଙ୍ଗରେ ଆଲୋଚନା ନହେଲେ ଗୃହ ଭିତରେ ଆମ୍ବୁତି ଦେବି । ଓଡିଶାର ପ୍ରାୟ ୫୦ ଗାଁକୁ ଆନ୍ଧ୍ର ମାଡି ବସିଲାଣି । କୋଟିଆ ଆମର ମା ଓ ମାଟି । ରାଜସ୍ୱ ମନ୍ତ୍ରୀ ଆଲୋଚନା ପାଇଁ ପ୍ରସ୍ତୁତ ଥିବା ବେଳେ ସରକାର ଏଥିପାଇଁ ପଛଘୁଞ୍ଚା ଦେଉଥିବା ଅଭିଯୋଗ କରିଛନ୍ତି । କୋଟିଆକୁ ନେଇ ସ୍ୱତନ୍ତ୍ର ଆଲୋଚନା କରିବାକୁ ସେ ଦାବି କରିଥିଲେ ।

ବିଜେଡି ସଦସ୍ୟ ଗୌତମ ବୁଦ୍ଧ ଦାସ କହିଥିଲେ, ସରକାର ଓଡିଶାବାସୀଙ୍କୁ ଭ୍ରମିତ କରନ୍ତୁ ନାହିଁ । ବାତ୍ୟା ଆସିଛି, ହେଲେ ବାତ୍ୟା ଓ ବନ୍ୟା ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପଛଘୁଞ୍ଚା ଦେଉଛନ୍ତି । ଆଲୋଚନା ପାଇଁ ଆମେ ସରକାରଙ୍କୁ ବାଧ କରିବୁ । ଅକୱାନ ସହ ଅର୍ଣ୍ଣବ ମାତ୍ୟାର ପରିଚାଳନା ତ୍ରୁଟି ନେଇ ଆଲୋଚନା କରନ୍ତୁ ବୋଲି ସେ ଦାବି କରିଥିଲେ ।

ସେପଟେ ଗୃହ ବାହାରେ ବିରୋଧୀଙ୍କୁ ଜବାବ ଦେଇଛନ୍ତି ବିଜେପି ସଦସ୍ୟ ସନ୍ତୋଷ ଖଟୁଆ । ସେ କହିଥିଲେ, କିଏ ଗୃହ ଚଳାଇବାକୁ ଦେଉନାହାନ୍ତି ? ତାହା ମଧ୍ୟ ଜନସାଧାରଣ ଦେଖୁଛନ୍ତି । ଜନସାଧାରଣଙ୍କୁ ଭ୍ରମିତ କରନ୍ତୁ ନାହିଁ । ଆମେ ଦେଶ ତଥା ରାଜ୍ୟର ସ୍ୱାର୍ଥରେ କାମ କରୁନାହୁଁ ବୋଲି ଯେଉଁ ଧାରଣା ସୃଷ୍ଟି କରାଯାଉଛି, ତାହା ସମ୍ପୂର୍ଣ୍ଣ ଭୁଲ୍ । ଅନ୍ତତଃ ଆଜି ପ୍ରଶ୍ନକାଳ ଚାଲିଥିଲେ, ଆମେ ନିଜ ଅଞ୍ଚଳର ସମସ୍ୟା ଓ ଜନସାଧାରଣଙ୍କ ସ୍ୱାର୍ଥ ସମ୍ପର୍କିତ ପ୍ରଶ୍ନ ଉଠାଇ ପାରିଥାନ୍ତୁ । ବିଧାୟକମାନେ ନିଜ ନିଜ ଅଞ୍ଚଳର ସମସ୍ୟା ଗୃହରେ ଉପସ୍ଥାପନ କରିଥାନ୍ତେ ଏବଂ ସରକାର ତାହାର ସମାଧାନ ପାଇଁ ଉତ୍ତର ରଖିଥାନ୍ତେ । କିନ୍ତୁ ଦୁର୍ଭାଗ୍ୟର କଥା, ଗୃହ ଚାଲିବାକୁ ଦିଆଯାଉନାହିଁ । ଏଥିରୁ ସ୍ପଷ୍ଟ ହେଉଛି ଯେ, ସେମାନଙ୍କର ଗୃହ ଚଳାଇବା ଏବଂ ଜନସାଧାରଣଙ୍କ ସମସ୍ୟା ଉପରେ ଆଲୋଚନା କରିବା ପାଇଁ ଆନ୍ତରିକ ଇଚ୍ଛା ନାହିଁ ବୋଲି ଶ୍ରୀ ଖଟୁଆ କହିଥିଲେ ।

୩ ଡାକ୍ତର...

ଡା. ପ୍ରଭାକର ବେହେରା ସରକାରୀ କର୍ମଚାରୀଙ୍କ ପାଇଁ ଥିବା ଆଚରଣ ବିଧି ଉଲଂଘନ କରିଥିବାରୁ ନିଲମ୍ବିତ ହୋଇଛନ୍ତି । ସେ ସାମାଜିକ ଗଣମାଧ୍ୟମରେ ଅନଧିକୃତ ମନ୍ତବ୍ୟ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଲେଖିଥିବାରୁ ବିଭାଗ ତାଙ୍କ ବିରୋଧରେ ପଦକ୍ଷେପ ନେଇଛି । ସେହିପରି ଡା. ତମନ୍ନା ପ୍ରିୟଦର୍ଶିନୀ, ଡା. ସୁପ୍ରକାଶ ଦାସ ବାତ୍ୟା ଅର୍ଣ୍ଣବ ବେଳେ ଅନଧିକୃତ ଭାବେ ଛୁଟିରେ ଥିଲେ । ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତବେଳେ ସେମାନେ ଅନୁପସ୍ଥିତ ଥିଲେ । ନିଲମ୍ବନ ଅବଧିରେ ଡା. ପ୍ରଭାକର ବେହେରାଙ୍କ ମୁଖ୍ୟାଳୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଖୋର୍ଦ୍ଧା ଏବଂ ଡା. ତମନ୍ନା ପ୍ରିୟଦର୍ଶିନୀ ଓ ଡା. ସୁପ୍ରକାଶ ଦାସଙ୍କ ମୁଖ୍ୟାଳୟ ସିଟି ହସ୍ପିଟାଲ, ବ୍ରହ୍ମପୁର ରହିବେ । କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା ସେମାନେ ନିଜ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ସମ୍ପର୍କରେ ପୃଥକ ନିର୍ଦ୍ଦେଶନାମା ଜାରି କରାଯାଇଛି ।

ଫ୍ଲାପ୍ସେଲ...

କରିଥିଲେ । ଏହି ସମୟରେ ସେଠାରେ ଯାଉଥିବା ଏକ ସନ୍ଦେହଜନକ ମହିନ୍ଦ୍ରା ବୋଲେରୋ ଗାଡ଼ିକୁ ବନ କର୍ମଚାରୀମାନେ ଅଟକାଇଥିଲେ । ମାତ୍ର ବନ ବିଭାଗର ଉପସ୍ଥିତି ଜାଣିପାରି ଗାଡ଼ିର ଚାଳକ ଅନ୍ଧାରର ସୁଯୋଗ ନେଇ ଗାଡ଼ିକୁ ଘଟଣାସ୍ଥଳରେ ଛାଡ଼ି ଫେରାର ହୋଇଯାଇଥିଲେ । ପରେ ବନ କର୍ମଚାରୀମାନେ ଗାଡ଼ିର ଯାଞ୍ଚ କରିବାରୁ ୯ଟି ଅଖାରେ ଭର୍ତ୍ତି ହୋଇ ରଖାଯାଇଥିବା ମୋଟ ୩୯୦ଟି ଭାରତୀୟ ଫ୍ଲାପ୍ସେଲ କଇଁଛ ଠାବ କରିଥିଲେ । ଏତେ ସଂଖ୍ୟକ କଇଁଛକୁ ବେଆଇନ ଭାବେ ଚାଲାଣ କରାଯାଉଥିବା ସନ୍ଦେହରେ ବନ ବିଭାଗ ପକ୍ଷରୁ ସମସ୍ତ କଇଁଛ ସହ ବୋଲେରୋ ଗାଡ଼ିକୁ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଅନୁସାରେ ଜବତ କରାଯାଇ କାଲିମେଳା ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି । ଏହି ଘଟଣା ପରେ କଇଁଛଗୁଡ଼ିକ କେଉଁଠାରୁ ସଂଗ୍ରହ କରାଯାଇଥିଲା, ଏହାର ଚାଲାଣ ପଛରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ଏବଂ ଏଗୁଡ଼ିକୁ କେଉଁ ସ୍ଥାନକୁ ନିଆଯାଉଥିଲା, ସେନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି । ଫେରାର ଚାଳକଙ୍କୁ ଚିହ୍ନଟ କରିଧରିବା ସହ ବେଆଇନ ବନ୍ୟପ୍ରାଣୀ ଚାଲାଣର ମୂଳ ଉତ୍ସ ଓ ଏହା ପଛରେ ଥିବା ନେଟ୍‌ୱର୍କର ସନ୍ଧାନ ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି ।

ଆତଙ୍କବାଦକୁ...

ସମର୍ଥନ ଓ ପ୍ରୋତ୍ସାହନ ଦିଆଯିବା ଏକ ବଡ଼ ସମସ୍ୟା । ନିରୀହ ଲୋକଙ୍କ ହତ୍ୟାକୁ ଗ୍ରହଣ କରି ପାକିସ୍ତାନ ସହ ଆଲୋଚନା କରିବା ଭାରତ ପାଇଁ ସମ୍ଭବ ନୁହେଁ ବୋଲି ସେ ସ୍ପଷ୍ଟ କରିଥିଲେ ।

ଏହି ଆଲୋଚନାରେ ରାହୁଲ ଗାନ୍ଧୀ ଭାରତୀୟ ଗଣତନ୍ତ୍ରକୁ ପବିତ୍ର ବୋଲି ବର୍ଣ୍ଣନା କରିବା ସହ ନିର୍ବାଚନ ବର୍ଜନ କରିବାର ସମ୍ଭାବନାକୁ ଖାରଜ କରିଥିଲେ। ନିର୍ବାଚନରେ ଭାଗ ନନେବା ଅର୍ଥ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଶେଷ କରିବା ବୋଲି ସେ କହିଥିଲେ। ନିର୍ବାଚନ ବ୍ୟବସ୍ଥାରେ ଯାହା ଘଟୁଛି, ତାହାକୁ ଲୋକଙ୍କ ସାମ୍ନାକୁ ଆଣିବା ପାଇଁ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ଉଦ୍ୟମ କରୁଛନ୍ତି । ବ୍ୟବସ୍ଥାର ଅନିୟମିତତା ସମ୍ପର୍କରେ ଲୋକେ ସଚେତନ ହେବା ପର୍ଯ୍ୟନ୍ତ ବିରୋଧୀ ଦଳଗୁଡ଼ିକ ସଂଘର୍ଷ ଜାରି ରଖିବେ ବୋଲି ସେ କହିଥିଲେ ।

୨୦୧୪ ଲୋକସଭା ନିର୍ବାଚନର ଫଳାଫଳକୁ ନେଇ ମଧ୍ୟ ରାହୁଲ ପ୍ରଶ୍ନ ଉଠାଇଥିଲେ । ସେହି ନିର୍ବାଚନରେ ବିଜୟ ବ୍ୟବଧାନ ଅସ୍ୱାଭାବିକ ଭାବେ ଅଧିକ ଥିବାରୁ କିଛି ଭୁଲ୍ ହୋଇଥିବା କଂଗ୍ରେସ ସନ୍ଦେହ କରିଥିଲା । ତେବେ ଠୋସ୍ ପ୍ରମାଣ ନଥିବାରୁ ସେତେବେଳେ ଦଳ ଏ ସମ୍ପର୍କରେ କିଛି କହିପାରି ନଥିଲା ବୋଲି ସେ କହିଥିଲେ । ପରବର୍ତ୍ତୀ ସମୟରେ ପ୍ରମାଣ ମିଳିବା ପରେ ମଧ୍ୟ ଦଳର ବରିଷ୍ଠ ନେତାମାନେ ଏହା ଉପରେ ସର୍ବସାଧାରଣରେ ଆଲୋଚନା ନକରିବାକୁ ତାଙ୍କୁ କହିଥିବା ସେ ଦାବି କରିଥିଲେ ।

ତେବେ ନିର୍ବାଚନ ବର୍ଜନ କରିବା ଦ୍ୱାରା ଦେଶର ଗଣତାନ୍ତ୍ରିକ ଢାଞ୍ଚା ଦୁର୍ବଳ ହେବା ସହ ଦଳର ଲକ୍ଷ ଲକ୍ଷ କର୍ମୀଙ୍କ ଭବିଷ୍ୟତ ପ୍ରଭାବିତ ହେବ । ବିରୋଧୀ ଦଳ ନିର୍ବାଚନରେ ଭାଗ ନନେଲେ ଏହାର ବୈଧତାକୁ ନେଇ ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଠିପାରେ । ତେଣୁ ନିର୍ବାଚନୀ ବ୍ୟବସ୍ଥାକୁ ଭାଙ୍ଗିବା ପରିବର୍ତ୍ତେ ତାହା ମଧ୍ୟରେ ରହି ସଂଘର୍ଷ କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ ।

ଇସ୍ରାଏଲ୍-ଗାଜା ସଂଘର୍ଷକୁ ନେଇ ମଧ୍ୟ ରାହୁଲ ନିଜର ମତ ରଖିଥିଲେ । ଭାରତର ବୈଦେଶିକ ନୀତି ଅନ୍ୟ କୌଣସି ଦେଶର ସ୍ୱାର୍ଥ ଆଧାରରେ ନୁହେଁ, ବରଂ ଭାରତର ୧୫୦ କୋଟି ଜନସାଧାରଣଙ୍କ ସ୍ୱାର୍ଥକୁ ଆଧାର କରି ନିର୍ଦ୍ଧାରିତ ହେବା ଉଚିତ ବୋଲି ସେ କହିଥିଲେ । ଇସ୍ରାଏଲ୍ ସହ ଭାରତର ଦୃଢ଼ ସମ୍ପର୍କ ଥିବା ସ୍ୱୀକାର କରିବା ସହ ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ୍ ଉପରେ ହମାସ୍‌ର ଆକ୍ରମଣକୁ ସେ ନିନ୍ଦା କରିଥିଲେ । ନିରୀହ ଲୋକଙ୍କ ହତ୍ୟା ଗ୍ରହଣୀୟ ନୁହେଁ ବୋଲି କହିବା ସହ ଗାଜାରେ ଇସ୍ରାଏଲ୍‌ର ସାମରିକ ଅଭିଯାନକୁ ମଧ୍ୟ ସେ ସମାଲୋଚନା କରିଥିଲେ। ଉଭୟ ପକ୍ଷର ହିଂସାକୁ ସେ ବିରୋଧ କରିଥିବା ସ୍ପଷ୍ଟ କରିଥିଲେ ।

ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର ଇ-ସଂଗ୍ରହଣ

32001/1414/2627

ବିଜ୍ଞପ୍ତି ସଂଖ୍ୟା-EE-DD-KTK-11/2026-27

୧. କାର୍ଯ୍ୟର ନାମ : ମୋଟ ୦୩ (ତିନି) ଗୋଟି ଜଳନିକାସ କାର୍ଯ୍ୟ ।
୨. ଅଟକଳ ମୂଲ୍ୟ : ୮୩.୩୪ ଲକ୍ଷ ଟଙ୍କା ରୁ ୮୪.୪୬ ଲକ୍ଷ ଟଙ୍କା ।
୩. କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି : ୦୯ (ନ) ମାସ ।
୪. ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ : ତା. ୨୩.୧୧.୨୦୨୬ ର ୧୧.୦୦ ଘଣ୍ଟାରୁ ତା. ୦୭.୧୨.୨୦୨୬ ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ ।
୫. ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ : ତା. ୦୭.୧୨.୨୦୨୬ ର ୧୮.୦୦ ଘଣ୍ଟା ।
୬. ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା : ନିର୍ବାହୀ ଯନ୍ତ୍ରୀ, ଜଳନିକାସ ବିଭାଜନ, କଟକ, ଠିକଣା : ଗଣ୍ଡରପୁର, କଟକ-୭୫୩୦୦୩, ଇ-ମେଲ : eeddcuttack@gmail.com.

ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖା ଯାଇପାରିବ । ଆବଶ୍ୟକ ସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାଜତ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ ।

ସ୍ୱା/- ନିର୍ବାହୀ ଯନ୍ତ୍ରୀ
ଜଳନିକାସ ବିଭାଜନ, କଟକ

OIPR : 32001/32466/1/26-27/0021

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR

25001/1601/2627 **e-PROCUREMENT NOTICE**

NO. Tender Online 12 JJPT of 2026-27

1.	Name of work	:	Road Works (Periodical Maintenance of 5 years completed PMGSY works)
2.	Total No of Work	:	01 No. Road Works .
3.	Estimated Cost (Approx.)	:	Rs 59.32 Lakhs
4.	Period of Completion	:	90 Days
5.	Class of contractors	:	"B" Class

Other details as follows :

a)	Procurement officer	:	Superintending Engineer, Rural Works Division, Jajpur
b)	Availability of tender online & submission of bid	:	23.11.2026 at 10.00 AM to 01.12.2026 upto 5.00 PM
c)	Last date & time of seeking of tender clarification	:	30.11.2026 up to 5.00 PM
d)	Opening of Technical Bid	:	02.12.2026 at 11.30 AM.

Further details can be seen from the Govt, website **www.tendersodisha.gov.in**

Sd/- Superintending Engineer
Rural Works Division

OIPR : 25001/25047/1/26-27/0015

ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER
LIFT IRRIGATION DIVISION KARANJIA. MAYURBHANJ.
Tel No: 06796 296048 E-Mail-olickja@yahoo.com

32001/1428/2627 **e - Procurement Notice**

BID ID NO. 26 EELID (KJA/2026-27) DATE. 19.11.2026

The Executive Engineer, Lift Irrigation Division, Karanjia, At/Po.- Karanjia, Pin-757037, Dist.-Mayurbhanj on behalf of Managing Director, Odisha Lift Irrigation Corporation Ltd., Bhubaneswar invites tenders in Single/ Double cover system through e-procurement portal in shape of PERCENTAGE rate bids in online mode for 82 Nos. LI. Projects under RIDF and 18 Nos. reinforcement work of LIPs under State Plan on turnkey basis from eligible contractors/ firms having valid Civil license of required class issued by PWD/PHED/RWSS/Irrigation/Rural Works in the State of Odisha & valid HT Electrical license issued by E.L.B.O. Odisha.

1	Number of Packages (82 nos. RIDF & 18 nos.State Plan Works)	:	55 Nos. under L.I. Division, Karanjia in Mayurbhanj District.
2	Estimated Cost	:	From Rs. 7.97 Lakh to Rs. 99.17 Lakh (As Per DTCN)
3	Cost of Tender Paper	:	Varies from Rs. 4720 to 11800 including 18% GST (in online mode)
4	Date & Time of publication	:	Date. 23.11.2026 at 4.00 P.M.
5	Last Date and Time to Seek Clarification	:	Date. 02.12.2026 up to 4.00 P.M.
6	Date & Time of Closing	:	Date. 07.12.2026 up to 4.00 P.M.
7	Time, Date and place of opening of Tender	:	Date. 07.12.2026 at 5.00 P.M. at L.I. Division, Karanjia

Further details can be seen from the website www.tendersodisha.gov.in. Any Addendum / corrigendum / cancellation of tender if any, can be seen in the said website. The Authority reserves the right to reject any or all the tenders, without assigning any reasons thereof.

Sd/- (Er. Sashikanta Naik)
Executive Engineer, L.I. Division, Karanjia.

OIPR : 32001/32293/1/26-27/0002

OFFICE OF THE DIVISIONAL FOREST OFFICER : BALANGIR KENDU LEAVES DIVISION
Near R.T.O Chowk, Balangir - 767 001,
Ph. No. 06652- 232416, e-mail:dfoklbalangir@gmail.com

8001/524/2627 O.O.No. 189 Date : 19.11.2026

NOTICE INVITING TENDER

Bid Identification No. BC-DFO-KL-BLGR-01/2026-27, BC-DFO-KL-BLGR-02/2026-27, BC-DFO-KL-BLGR-03/2026-27, BC-DFO-KL-BLGR-04/2026-27

1	Name of work	Building Works as per DTCN Available in the website www.etenderodisha.gov.in
2	No. of work	One No. of RO-cum-Residence Quarter, One No. of Forester Quarter & Two Nos. of Forest Guard Quarter at different places of Balangir (K.L) Division, Balangir
3	No. of Covers	Single cover
4	Estimated Cost (Excluding GST)	Rs. 13,27,396.00 to Rs. 59,21,500.00
5	Period of Completion	03 Calender months
6	Date & Time of availability of bid document in portal	From 10.00 AM of Date 23.11.2026 to 05.00 PM of Date 04.12.2026
7	Last date / time for receipt of bids in the portal	Up to 5.00 PM of Date 04.12.2026
8	Date of opening of bid documents	At 11.30 AM of Date 05.12.2026
9	Class of Contractor	"B","C" & "D" Class Contractor
10	Name and address of officer inviting Bid	Divisional Forest Officer, Balangir (KL) Division, Balangir

Further, details can be seen from the e-Procurement portal www.tenderodisha.gov.in. The Addendum/Corrigendum if any .will be hosted in the website only.

Sd/- Divisional Forest Officer,
Balangir (K.L.) Division

OIPR : 8001/8180/1/26-27/0003

32001/1436/2627 **OFFICE OF THE SUPERINTENDING ENGINEER**
POTTERU CANAL DIVISION, M.V-79
e-mail Id : eepcdbhuba65@gmail.com
e-Procurement Notice No. SE-PCD-MV79-03/ 2026-27 Dated.16.11.2026

1. Type ~~of Works: System Improvement works.~~
2. Total No. of Works: - Twenty one (21) Nos.
3. Estimated Cost: - Varies from Rs.4.96 Lakhs to Rs.33.11 Lakhs
4. Period of Completion: - 90 (Ninety) days

Procurement Officer	Bid Identification No.	Bid Amount (Rs. In Lakhs)	Availability & Submission Bids - on line
Superintending Engineer. Potteru Canal Division. M.V-79, Malkangiri	SE-PCD-MV79-03(1)/2026-27 to SE-PCD-MV79-03(21)/2026-27	Varies from Rs.4.96 Lakhs to Rs.33.11 Lakhs	From 21.11.2026 10.00 A.M. to 30.11.2026 5.00 P.M.

Date of opening of the Tender / Bid: - 01.12.2026 at 11.00 A.M.

Further details can be seen from the Govt, website www.tendersodisha.gov.in Addendum/ Corrigendum/ Cancellation if any required will be published in Govt, website only.

Sd/- Superintending Engineer,
Potteru Canal Division, M.V-79

OIPR : 32001/32551/1/26-27/0005

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ (ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧିନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Work Corporation)

34001/1204/2627

ବିକାଶ ଭବନ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଦୂରଭାଷ- ୦୬୭୪-୨୩୯୦୦୪୩, CIN-U45203OR1983SGC001153

Vikash Bhavan, Nayapalli, Bhubaneswar-751012, Tel : 0674-2390043, WEbsite : www.obcc.in, Email : md@obcc.in, info@obcc.in

No. 8730 Date : 20.11.2026
File : SMT-2157

NOTICE INVITING TENDER

1.	Name of Work	:	Construction of Pedestrian Bridge over the Prachi River under Integrated Development Work for Maa Mangala Temple, Kakatpur, Puri
2.	Bid Identification No.	:	62/Tender/OBCC/2026-27
3.	Date of availability of bid document in e-procuremnt portal	:	From Dt. 26.11.2026
4.	Last Date & time of receipt of online bid	:	Up to 05:00 PM of Dt. 10.12.2026
5.	Date of Bid Opening	:	11.12.2026 at 11:30 AM
6.	Project Completion Duration	:	9 (Nine) Calendar Months.
7.	Futher details can be seen from the e-Procurement portal https://tendersodisha.gov.in		
8.	OBCC has the right to accept or reject the Notice / DTCN without assigning any reason thereof.		

OIPR : 34001/34161/1/26-27/0034 Sd/- Chief General Manager-I

କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଜିଙ୍କ୍ ରୋଡ୍, କଟକ-୧୨

13001/2531/2627 **ସୂଚନା**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଅଭିନବ ବିଡାନାସୀ, କଟକ (ମର୍ଦ୍ଦତ ନଗର) ସେକ୍ଟର-13ରେ ପ୍ଲଟ ନଂ-13-3B/884 (R-C) ଟିକୁ ଶ୍ରୀମତୀ ନୀତା ସିଂହ, ସ୍ୱାମୀ- ଶ୍ରୀ ଶିବ ପ୍ରତାପ ସିଂହ, ସା-ହାଉସ ନଂ-୩୦୯, ପ

ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କୁ ଭେଟିଲେ

ଭୁବନେଶ୍ୱର ବାର୍ ଆସୋସିଏସନ୍ ସଭାପତି, ସମ୍ପାଦକ ଦେଲେ ସ୍ମାରକପତ୍ର

ଭୁବନେଶ୍ୱର (ସବୁ୍ୟ) : ଭୁବନେଶ୍ୱର ବାର୍ ଆସୋସିଏସନର ସଭାପତି ଅଶୋକ କୁମାର ଛୋଟରାୟ, ସମ୍ପାଦକ ସୁମନ ରାଉତରାୟ ଜୟନ୍ତ କୁମାର ଜେନା ଶୁକ୍ରବାର ରାଜ୍ୟସଭା ସାଂସଦ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସାକ୍ଷାତ କରି ସ୍ମାରକପତ୍ର ଦେଇଛନ୍ତି । ଭୁବନେଶ୍ୱରର ଆବାସିକ କୋଠାଗୁଡ଼ିକ ମଧ୍ୟରେ ଚାଲୁଥିବା ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ସିଲ୍ କରିବା ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଅନ୍ତରୀଣ ଆଦେଶ କାର୍ଯ୍ୟକାରୀ କରିବା ସମୟରେ ବିଏମସି କର୍ତ୍ତୃପକ୍ଷ ଓ ସେମାନଙ୍କ ଦ୍ୱାରା ନିୟୋଜିତ କର୍ମଚାରୀମାନେ ଅବଲମ୍ବନ କରୁଥିବା ପ୍ରକ୍ରିୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ପ୍ରକ୍ରିୟା ଯୋଗୁ ସାଧାରଣ ଜନତାଙ୍କ ମନରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହେଉଥିବା ବିଷୟ ପ୍ରତିନିଧିମଣ୍ଡଳୀ ସାଂସଦଙ୍କ ଦୃଷ୍ଟିକୁ ଆଣିଥିଲେ ।

ଏହି ପରିସ୍ଥିତିର ସମାଧାନ ପାଇଁ ଜନସାଧାରଣଙ୍କ ମନରେ ଆତଙ୍କ ସୃଷ୍ଟି ନକରି ଅଧିକ ବ୍ୟବହାରିକ ଓ ଯୁକ୍ତିସଙ୍ଗତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ କେତେକ ପ୍ରସ୍ତାବ ଓ ସମ୍ଭାବ୍ୟ ସମାଧାନର ମାର୍ଗ ସମ୍ବଳିତ ଏକ ସ୍ମାରକପତ୍ର ବାର୍ ଆସୋସିଏସନର ସଭାପତି ଓ ସମ୍ପାଦକ ମନମୋହନ ସାମଲଙ୍କୁ ପ୍ରଦାନ କରିଥିଲେ । ସ୍ମାରକପତ୍ର ଗ୍ରହଣ କରିବା ସହ ପରିସ୍ଥିତିର ଗମ୍ଭୀରତାକୁ ହୃଦୟଙ୍ଗମ କରି ସାଂସଦ



ଶ୍ରୀ ସାମଲ ସ୍ମାରକପତ୍ରରେ ଉଲ୍ଲେଖିତ ତଥ୍ୟ ଓ ପ୍ରସ୍ତାବଗୁଡ଼ିକୁ ଗୁରୁତ୍ୱ ଦେଇ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରାଥମିକତା ଭିତ୍ତିରେ ଆଲୋଚନା କରିବେ ବୋଲି ଆଶ୍ୱାସନା ଦେଇଥିଲେ ।

ରାଜ୍ୟବ୍ୟାପୀ ରାତ୍ରିକାଳୀନ ପାଟ୍ରୋଲିଂ ଓ ବନ୍ୟା ନିରୀକ୍ଷଣକୁ ତୀବ୍ର କଲା ଜଳ ସମ୍ପଦ ବିଭାଗ

ଭୁବନେଶ୍ୱର, (ସବୁ୍ୟ): ବାତ୍ୟା ଅକଭାନ୍‌ର ମୁକାବିଲା ଏବଂ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସମ୍ବେଦନଶୀଳ ନଦୀ ଅବବାହିକା, ଜଳଭଣ୍ଡାର, ବ୍ୟାରେଜ୍ ଓ ଜଳ ନିଷ୍କାସନ ବ୍ୟବସ୍ଥାରେ ରାତ୍ରିକାଳୀନ ପାଟ୍ରୋଲିଂ ଓ ୨୪ ଘଣ୍ଟିଆ ନିରୀକ୍ଷଣକୁ ଜୋରଦାର କରାଯାଇଛି । ଗଞ୍ଜାମ ଜିଲ୍ଲାରେ ରଷିକୁଲ୍ୟା, ବଡ଼ନଦୀ, ଘୋଡ଼ାହାଡ଼, ଲୋହରାଖଣ୍ଡି, ବାଘୁଆ ଓ ଧନେଇ ନଦୀର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ରାତ୍ରିକାଳୀନ ନିରୀକ୍ଷଣ ଚାଲିଛି । ଭଞ୍ଜନଗର ସ୍ପିଲୱେ, ବାଘୁଆ ଡ୍ୟାମ୍, ଦାହା ଡ୍ୟାମ୍, ପଦ୍ମା ବ୍ୟାରେଜ୍, ସୋରଡ଼ା ଜଳଭଣ୍ଡାର ଓ ଜାନିବିଲି ଆନିକଟ ସମେତ ପ୍ରମୁଖ ଜଳସେଚନ ସଂରଚନା ଉପରେ ମଧ୍ୟ ନଜର ରଖାଯାଇଛି । ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପୁଲିସ ଓ ସ୍ଥାନୀୟ ପ୍ରଶାସନ ସହ ମିଳିତ ପାଟ୍ରୋଲିଂ କରାଯାଉଛି । ସେହିପରି ହରଭଙ୍ଗୀ ଜଳଭଣ୍ଡାର ଏବଂ ବଂଶଧାରା ନଦୀର କୋଟୁରୁ ଗ୍ରାମ ନିକଟସ୍ଥ ଦକ୍ଷିଣ ପାର୍ଶ୍ୱ ବନ୍ଧ, ଗୁଣପୁର ହାଇଲେଭଲ୍ ବ୍ରିଜ୍ ଓ ସିଡବ୍ଲ୍ୟୁସି ଗଜ୍ ଷ୍ଟେସନ୍ ଅଞ୍ଚଳରେ ନିରୀକ୍ଷଣ ଜାରି ରହିଛି । ବ୍ରାହ୍ମଣୀ ଅବବାହିକାର ମୁଖ୍ୟ ଯନ୍ତ୍ରୀ ତଥା ବେସିନ୍ ମ୍ୟାନେଜର, ସମଲ ବ୍ୟାରେଜ୍ ପରିଦର୍ଶନ କରି ବରିଷ୍ଠ ଯନ୍ତ୍ରୀ ଓ ବୈଷୟିକ କର୍ମଚାରୀଙ୍କ ସହ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଗୋଲନ୍ଥରା ଆନିକଟ, ଜୟମଙ୍ଗଳ ଆନିକଟ, ଘୋଡ଼ାହାଡ଼ ନଦୀବନ୍ଧ ଓ ତାଭାପଲ୍ଲୀ ଡାଇଭର୍ସନ୍ ୱିୟର୍ ସମେତ ଅନ୍ୟାନ୍ୟ ବିପଦପ୍ରବଣ ସ୍ଥାନରେ ମଧ୍ୟ କ୍ଷେତ୍ର କର୍ମଚାରୀମାନେ ନିରୀକ୍ଷଣ ଜାରି ରଖିଛନ୍ତି । ବ୍ରହ୍ମପୁର ମହାନଗର ଅଞ୍ଚଳରେ ଡ୍ରେନେଜ୍ ବିଭାଗ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ କରାଯାଇଛି । ଚାଟ୍ରପୁରର ପୋଟଲାମପୁର ନିକଟସ୍ଥ ରଷିକୁଲ୍ୟା ନଦୀବନ୍ଧ ମଧ୍ୟ ପରିଦର୍ଶନ କରାଯାଇ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ଆଲୋଚନା କରାଯାଇଛି ।

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ

ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବୁ୍ୟ) : ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ତା. ୨୦-୧୧-୨୦୨୬ରିଖରେ ଅନୁଷ୍ଠିତ ହୋଇଯାଇଛି । ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗଗୁଡିକୁ ସମୟୋପଚିତ ଋଣ, ଆର୍ଥିକ ସହାୟତା ଓ କ୍ଷେତ୍ର ଉପଯୋଗୀ ସମାଧାନ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା ସହ ବିସ୍ତାରିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ ମେଗା ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଭୁବନେଶ୍ୱରର ପିପୁଲ କନ୍‌ଭେନ୍‌ସନ୍‌ଠାରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡିଆଇସି ମହାପ୍ରବନ୍ଧକ ସମୁଚିତା ମଲ୍ଲିକ ଏବଂ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ରାକେଶ କୁମାର ସିଂଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ ଏବଂ ସମ୍ଭାବ୍ୟ ଗ୍ରାହକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ହିତାଧିକାରୀଙ୍କୁ ୯୦ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ସେଣ୍ଟ୍ରାଲ୍ ବ୍ୟାଙ୍କ ଏମ୍‌ଏସ୍‌ଏମ୍‌ଇଗୁଡିକୁ ସଶକ୍ତ କରିବା ସହ ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ସୁଧାର ଆଣିବାରେ ନିଜର



ଦୃଢ଼ ପ୍ରତିବଦ୍ଧତାକୁ ବଜାୟ ରଖିଛି। ଏହି କାର୍ଯ୍ୟକ୍ରମରେ ଡେଫ୍ ଦାବି, ଉଦ୍ୟମ ପଞ୍ଜୀକରଣ, ସିକେୱାଇସିର ଉପକାରିତା, ରିକେୱାଇସି ଏବଂ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ମଧ୍ୟ ଲୋକମାନଙ୍କୁ ସଚେତନ କରାଯାଇଥିଲା ।

ବାଲିଯାତ୍ରାରେ ରାତି ୧୧ଟା ପର୍ଯ୍ୟନ୍ତ ଚାଲିବ ସାଂସ୍କୃତିକ କାର୍ଯ୍ୟକ୍ରମ, ଲାଉଡ୍‌ସ୍ପିକର ବ୍ୟବହାରକୁ ଅନୁମତି

କଟକ(ସବୁ୍ୟ): ଐତିହାସିକ କଟକ ବାଲିଯାତ୍ରା-୨୦୨୬ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଲୋକଙ୍କ ମନୋରଞ୍ଜନକୁ ଦୃଷ୍ଟିରେ ରଖି ରାତି ୧୧ଟା ପର୍ଯ୍ୟନ୍ତ ସାଉଣ୍ଡ ସିଷ୍ଟମ୍ ଓ ଲାଉଡ୍‌ସ୍ପିକର ବ୍ୟବହାର ପାଇଁ ଅନୁମତି ପ୍ରଦାନ କରାଯାଇଛି । ନଭେମ୍ବର ୨୪ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଲୋୟର ବାଲିଯାତ୍ରା ପଡ଼ିଆରେ ଥିବା ଗଣକବି ବୈଷ୍ଣବ ପାଣି ମଞ୍ଚ ଏବଂ ଅକ୍ଷୟ ମହାନ୍ତି ମଞ୍ଚରେ ରାତି ୧୧ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ ଏବଂ ଲାଉଡ୍‌ସ୍ପିକର ବ୍ୟବହାର କରାଯାଇପାରିବ ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଛନ୍ତି । ନଭେମ୍ବର ୨୪ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଉପର ଓ ତଳ ବାଲିଯାତ୍ରା ପଡ଼ିଆରେ ଚଳିବାକୁ ଥିବା ଐତିହାସିକ ବାଲିଯାତ୍ରାରେ ଦେଶ-ବିଦେଶ, ବିଭିନ୍ନ ରାଜ୍ୟ ଓ ଜିଲ୍ଲାରୁ ସାଂସ୍କୃତିକ ଦଳ ଯୋଗଦେଇ ନିଜ ନିଜର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟ ପ୍ରଦର୍ଶନ କରିବେ। ଏସିଆର ବୃହତ୍ତମ ମୁକ୍ତାକାଶ ବାଣିଜ୍ୟ ମେଳା ଭାବେ ପରିଚିତ ଏହି ରାଜ୍ୟସ୍ତରୀୟ ମହୋତ୍ସବକୁ ପ୍ରତିଦିନ ଲକ୍ଷାଧିକ ଲୋକଙ୍କ ଆଗମନ ହୋଇଥାଏ। ଏହି ନିର୍ଦ୍ଦେଶର ସଠିକ୍ କାର୍ଯ୍ୟକାରିତା ଓ ତଦାରଖ ପାଇଁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), କଟକଙ୍କୁ ନୋଡାଲ୍ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି । ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଓ ସାଂସ୍କୃତିକ ଉତ୍ସବର ସୁଚାରୁ ଆୟୋଜନ ଉଦ୍ଦେଶ୍ୟରେ ଏହି ଅନୁମତି ପ୍ରଦାନ କରାଯାଇଛି ।

ଡ୍ରିମ୍‌ସ ସ୍କୁଲ ଅଫ ଫାର୍ମାସୀରେ ରକ୍ତଦାନ ଶିବିର, ୧୦୧ ୟୁନିଟ୍ ସଂଗୃହିତ

କଟକ, (ସ୍ୱପ୍ର) : ଜାତୀୟ ଫାର୍ମାସୀ ସପ୍ତାହ ପାଳନ ଅବସରରେ ଡ୍ରିମ୍‌ସ ସ୍କୁଲ ଅଫ ଫାର୍ମାସୀ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୦୧ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମ ଉଦଘାଟନ କରି ରକ୍ତଦାନ ଅଭିଯାନରେ ସାମିଲ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ସେମାନଙ୍କର ଉସିର୍ଗୀକୃତ ସେବା ମନୋଭାବ ପାଇଁ ଅଭିନନ୍ଦନ ଜଣାଇଥିଲେ । କଟକ କେନ୍ଦ୍ରୀୟ ରେଡକ୍ରସ ରକ୍ତ କେନ୍ଦ୍ରର ଚିକିସିାଧିକାରୀ ଡାକ୍ତର କନକଲତା ଦେଇଙ୍କ ତତ୍ତ୍ୱାବଧାନରେ ସଂଗଠନର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ । ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ



ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଡିନ୍ (ଗବେଷଣା) ଡ. ବିଶ୍ୱରଂଜନ ମହାନ୍ତି, ଡିନ୍ ଡା. ଦୁର୍ଗା ପ୍ରସାଦ ମିଶ୍ର ପ୍ରମୁଖ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ସ୍କୁଲ ଅଫ ଫାର୍ମାସୀର ଡିନ୍ ଡ. ଅମୂଲ୍ୟ ରନି ବେହେରାଙ୍କ ମୁଖ୍ୟ ସଂଯୋଜନାରେ ଅଧ୍ୟାପକ, ଅଧ୍ୟାପିକା ଶିବିର ପରିଚାଳନା କରିଥିଲେ ।

ଅକୱାନ ପ୍ରଭାବ: ଜିଲ୍ଲାରେ ୪୬୦ ହେକ୍ଟର ଚାଷଜମିର ଫସଲ କ୍ଷତିଗ୍ରସ୍ତ

ଖୋର୍ଦ୍ଧା, (ସବୁ୍ୟ): ଅକ୍ୱାନ୍ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଖୋର୍ଦ୍ଧା ଜିଲ୍ଲାରେ କୃଷି ଫସଲ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ଜିଲ୍ଲାରେ ପ୍ରାଥମିକ ଆକଳନ ଅନୁଯାୟୀ ପ୍ରାୟ ୪୬୦ ହେକ୍ଟର ଚାଷଜମିର ଫସଲ କ୍ଷତିଗ୍ରସ୍ତ ହୋଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତ ରିପୋର୍ଟରୁ ଜଣାପଡ଼ିଛି । ଆଜି ଅପରାହ୍ନ ୫ଟା ସୁଦ୍ଧା କରାଯାଇଥିବା ପ୍ରାଥମିକ ଚକ୍ଷୁ ଆକଳନ ଅନୁସାରେ ଜିଲ୍ଲାର ୧୦ଟି ବ୍ଲକ ଓ ସହରାଂଚଳର ୭୧ଟି ଗ୍ରାମପଂଚାୟତ ଅନ୍ତର୍ଗତ ୧୯୮ଟି ଗ୍ରାମର ଚାଷଜମି ଓ ଫସଲ ବର୍ଷାଜନିତ ପ୍ରତିକୂଳ ପରିସ୍ଥିତି ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି । ଏହି ଆକଳନ ଅନୁଯାୟୀ ବାଣପୁର ବ୍ଲକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି । ଏଠାରେ ୧୪ଟି ଗ୍ରାମପଂଚାୟତର ୩୬ଟି ଗ୍ରାମରେ ପ୍ରାୟ ୭୨ ହେକ୍ଟର ଚାଷଜମିର ଫସଲ ପ୍ରଭାବିତ ହୋଇଛି । ଏହା ପଛକୁ ଚିଲିକା ବ୍ଲକ୍ ରେ ୭ଟି ପଂଚାୟତର ୧୬ଟି ଗ୍ରାମରେ ୫୪ ହେକ୍ଟର ଏବଂ ବୋଲଗଡ଼ ବ୍ଲକ୍ ର ୮ଟି ପଂଚାୟତର ୨୧ଟି ଗ୍ରାମରେ ୫୨ ହେକ୍ଟର ଚାଷଜମିର ଫସଲ କ୍ଷତିଗ୍ରସ୍ତ ହୋଇଥିବା ଆକଳନ କରାଯାଇଛି । ବାଲିପାଟଣା ବ୍ଲକରେ ୧୬ଟି ଗ୍ରାମରେ ୪୮ ହେକ୍ଟର, ଟାଙ୍ଗୀ ବ୍ଲକର ୧୨ଟି ପଂଚାୟତ ଅନ୍ତର୍ଗତ ୩୬ଟି ଗ୍ରାମରେ ୪୬ ହେକ୍ଟର ଏବଂ ବେଗୁନିଆ ବ୍ଲକର ୨୧ଟି ଗ୍ରାମରେ ୪୨ ହେକ୍ଟର ଚାଷଜମିର ଫସଲ ପ୍ରଭାବିତ ହୋଇଛି । ଖୋର୍ଦ୍ଧା ବ୍ଲକରେ ୧୨ଟି ଗ୍ରାମରେ ୪୧ ହେକ୍ଟର ଫସଲ କ୍ଷତିଗ୍ରସ୍ତ ହୋଇଥିବାବେଳେ ଭୁବନେଶ୍ୱରର ୯ଟି ଗ୍ରାମରେ ୩୭ ହେକ୍ଟର, ଜଟଣୀର ୧୮ଟି ଗ୍ରାମରେ ୩୬ ହେକ୍ଟର ଏବଂ ବାଲିଅନ୍ତା ବ୍ଲକର ୧୩ଟି ଗ୍ରାମରେ ୩୨ ହେକ୍ଟର ଚାଷଜମିର ଫସଲ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି । ଜିଲ୍ଲାର ଉଭୟ ଗ୍ରାମାଂଚଳ ଓ ସହରାଂଚଳରେ ଏହି ବର୍ଷାର ପ୍ରଭାବ ପଡ଼ିଥିବା ବେଳେ ଚାଷୀମାନେ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ଚାଷଜମିର ପରିମାଣ ଦୃଷ୍ଟିରୁ ବାଣପୁର ସର୍ବାଧିକ ପ୍ରଭାବିତ ହୋଇଥିବାବେଳେ ବାଣପୁର ଓ ଟାଙ୍ଗୀ ବ୍ଲକରେ ସର୍ବାଧିକ ୩୬ଟି ଲେଖାଏଁ ଗ୍ରାମରେ ଫସଲ କ୍ଷତି ହୋଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି ।

୨୨ରେ ମେଗା ନିଃଶୁଳ୍କ ଦିବ୍ୟାଙ୍ଗ ସଂଶୋଧନ ଶିବିର

ପୁରୀ, (ସବୁ୍ୟ): ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଚିକିତ୍ସା ଓ ପୁନର୍ବାସ ସେବା ଯୋଗାଇ ସ୍ୱାଭିମାନ ଓ ସ୍ୱାଧୀନ ଜୀବନଯାପନର ସୁଯୋଗ ଦେବା ଲକ୍ଷ୍ୟରେ ନାରାୟଣ ସେବା ସଂସ୍ଥାନ ପକ୍ଷରୁ ପୁରୀରେ ଆୟୋଜିତ ହେବ ମେଗା ନିଃଶୁଳ୍କ ଦିବ୍ୟାଙ୍ଗ ସଂଶୋଧନ ଶିବିର। ଆସନ୍ତା ୨୨ ତାରିଖରେ ଅଠରନଳାସ୍ଥିତ ଆଇସ୍ ଫ୍ୟାକ୍ଟ୍ରି ନିକଟ ସିନେସ୍ କନଭେନସନ୍‌ଠାରେ ଏହି ଶିବିର ଅନୁଷ୍ଠିତ ହେବ। ଶିବିରରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଚିକିତ୍ସାଗତ ମୂଲ୍ୟାଙ୍କନ କରାଯିବା ସହ ସଂଶୋଧନମୂଳକ ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ହିତାଧିକାରୀଙ୍କୁ ଚୟନ କରାଯିବ। ଏଥିସହ ମଡ୍ୟୁଲାର କୃତ୍ରିମ ଅଙ୍ଗ ପ୍ରସ୍ତୁତି ପାଇଁ ହିତାଧିକାରୀଙ୍କ ଶରୀରର ସଠିକ୍ ମାପ ନିଆଯିବ। ଶିବିରର ଉଦ୍‌ଘାଟନ ସକାଳ ୧୧ଟାରେ ହେବ। ତେବେ ପଞ୍ଜୀକରଣ ଓ ଚିକିତ୍ସାଗତ ମୂଲ୍ୟାଙ୍କନ ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ। ଶିବିରକୁ ଆସୁଥିବା ହିତାଧିକାରୀମାନେ ଆଧାର କାର୍ଡ, ଦିବ୍ୟାଙ୍ଗ ପ୍ରମାଣପତ୍ର ଏବଂ ଦିବ୍ୟାଙ୍ଗତା ସ୍ପଷ୍ଟ ଭାବେ ଦେଖାଯାଉଥିବା ଦୁଇଟି ପାସପୋର୍ଟ ସାଇଜ୍ ଫଟୋ ସାଙ୍ଗରେ ଆଣିବାକୁ ସଂସ୍ଥାନ ପକ୍ଷରୁ ଅନୁରୋଧ କରାଯାଇଛି। ଶିବିରରେ ସଂସ୍ଥାନର ଅଭିଜ୍ଞ ଅର୍ଥୋଟିଷ୍ଟ ଓ ପ୍ରୋସ୍ଥେଟିଷ୍ଟମାନେ ହିତାଧିକାରୀଙ୍କ ଶାରୀରିକ ସ୍ଥିତି ଓ ଚିକିତ୍ସାଗତ ଆବଶ୍ୟକତା ଆଧାରରେ ମୂଲ୍ୟାଙ୍କନ କରିବେ। ମାପ ନିଆଯିବାର ପ୍ରାୟ ଏକରୁ ଦୁଇ ମାସ ମଧ୍ୟରେ ଅନୁଗାମୀ ଶିବିର ଆୟୋଜନ କରାଯାଇ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କୃତ୍ରିମ ଅଙ୍ଗ ନିଃଶୁଳ୍କ ଭାବେ ଯୋଗାଇବା ସହ ଫିଟିଂ କରାଯିବ। ସେହିପରି ଅସ୍ତ୍ରୋପଚାର ଆବଶ୍ୟକ ଥିବା ଚୟନିତ ହିତାଧିକାରୀଙ୍କ ସଂଶୋଧନମୂଳକ ଅସ୍ତ୍ରୋପଚାର ଉଦୟପୁରସ୍ଥିତ ସଂସ୍ଥାନର ୱାର୍ଲ୍ଡ ଅଫ୍ ହ୍ୟୁମାନିଟି ହସ୍ପିଟାଲରେ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବେ କରାଯିବ। ସଂସ୍ଥାନର ମିଡିଆ ଓ ଜନସମ୍ପର୍କ ବିଭାଗ ମୁଖ୍ୟ ଭଗବାନ ପ୍ରସାଦ ଗୌର ପୁରୀ ଓ ଏହାର ଆଖପାଖ ଅଞ୍ଚଳର ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଶିବିରରେ ଯୋଗଦେଇ ନିଃଶୁଳ୍କ ସେବାର ସୁଯୋଗ ନେବାକୁ ଆହ୍ୱାନ ଦେଇଛନ୍ତି।

ବିଧାୟକଙ୍କ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ

ଚୌଦ୍ୱାର,(ସବୁ୍ୟ):ଆକ୍ୱାନ୍ ବାତ୍ୟା ପ୍ରଭାବରେ ଗତ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ପ୍ରବଳ ବର୍ଷା ହେବା ଫଳରେ ଅ ଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି ।ଶୁକ୍ରବାର ଦିନ ତମାମ ପ୍ରବଳ ବର୍ଷା ହେବା ଫଳରେ ଚୌଦ୍ୱାର ପୌରପାଳିକାର ବସ୍ତି ଅ ଳରେ ପାଣି ଜମିବା ସହିତ ରାସ୍ତା ଘାଟରେ ପାଣିର ସୁଅ ଛୁଟିଥିବା ଦେଖିବାକୁ ମିଳିଥିଲା ।କିଛି ଘରେ ପାଣି ପଶିବା ସହିତ କିଛି ସ୍ଥାନରେ ପାତେରା ଭାଙ୍ଗିଥିବା ଦେଖିବାକୁ ମିଳିଛି । ଆକ୍ୱାନ ମୁକାବିଲା ପାଇଁ ପୌରପାଳିକା ତରଫରୁ ବିଭିନ୍ନ ପ୍ରାକ୍ ପ୍ରସ୍ତୁତି କରାଯିବା ସହିତ ଗାଈଛକସ୍ଥିତ ମଧୁସୂଦନ ଆଇଟିଆଇ, ଚୌଦ୍ୱାର କଲୋଜ ଓ ଓଟିଏମ୍ ହାଇସ୍କୁଲରେ ୩ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଖୋଲାଯିବା ସହିତ ତଳିଆ ବସ୍ତି ଗୁଡ଼ିକରୁ ୨୮୨ ଜଣଙ୍କୁ ସ୍ଥାନାନ୍ତର କରି ମଧୁସୂଦନ ଆଇଟିଆଇ ଆଶ୍ରୟସ୍ଥଳୀରେ ଅବସ୍ଥାପିତ କରାଯାଇଛି । ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ ଶୁକ୍ରବାର ଦିନ ଏହି ଆଶ୍ରୟସ୍ଥଳୀ ଗୁଡ଼ିକୁ ପରିଦର୍ଶନ କରି ସେଠାରେ ରହୁଥିବା ଲୋକ, ମହିଳା ଓ ପିଲାମାନଙ୍କ ସୁବିଧା ଅସୁବିଧା ଅନୁଧ୍ୟାନ କରିଥିଲେ । ଅବସ୍ଥାପିତ ମାନଙ୍କୁ ସକାଳ ଜଳଖିଆ, ମଧ୍ୟାହ୍ନ ରନ୍ଧାଖାଦ୍ୟ, ବିଚ୍ଛଣା ଓ ଶୌଚ ବ୍ୟବସ୍ଥା ସୁଚାରୁରୂପେ ଯୋଗାଇ ଦିଆ ଯାଉଛିକି ନାହିଁ ସେ ସମ୍ପର୍କରେ ଆଶ୍ରୟସ୍ଥଳିରେ ରହୁଥିବା ଲୋକ ମାନଙ୍କୁ ପଚାରି ବୁଝିବା ସହିତ ଆୟୋଜନ

ହର୍ମୁଜରେ ୯ ଜାହାଜ ପ୍ରତି ବିପଦ

ସୁରକ୍ଷାକୁ ନେଇ କେନ୍ଦ୍ର ସରକାର ଆଲର୍ଟ

ନୂଆଦିଲ୍ଲୀ: ହର୍ମୁଜ ପ୍ରଣାଳୀ ନିକଟରେ ଭାରତୀୟ ଜାହାଜଗୁଡ଼ିକର ସୁରକ୍ଷାକୁ ନେଇ କେନ୍ଦ୍ର ସରକାର ସତର୍କ ହୋଇଛନ୍ତି। ଏହି ଅଞ୍ଚଳରେ ଭାରତୀୟ ପତାକା ବହନ କରୁଥିବା ନଅଟି ଜାହାଜ ଉପରେ କଡ଼ା ନଜର ରଖାଯାଇଛି। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ସାମୁଦ୍ରିକ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୋନୋୱାଲ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ଭାରତୀୟ ଜାହାଜ ଓ ନାବିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ସେ ସମ୍ବେଦନଶୀଳ ସାମୁଦ୍ରିକ କ୍ଷେତ୍ରରେ ନଜର ରଖିବା ଓ ସୁରକ୍ଷା ସମ୍ବନ୍ଧୀୟ ସୂଚନାର ସମୟୋଚିତ ଆଦାନପ୍ରଦାନ ସୁନିଶ୍ଚିତ କରିବାକୁ ସାମୁଦ୍ରିକ ପ୍ରଶାସନ



ମହାନିର୍ଦ୍ଦେଶାଳୟ (ଡିଜିଏମ୍‌ଏ) କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରଣାଳୟ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ସୋନୋୱାଲ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାକୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ମଧ୍ୟରେ ସମ୍ବେଦନଶୀଳ ଓ ଦୁର୍ବଳ ସାମୁଦ୍ରିକ ଅଞ୍ଚଳରେ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବା। ସୁରକ୍ଷା ସମ୍ବନ୍ଧୀୟ ଚେତାବନୀ ଓ ପରାମର୍ଶ ସମୟରେ ଜାହାଜଗୁଡ଼ିକୁ ପ୍ରଦାନ କରିବା। ଜାହାଜ କମ୍ପାନି ଓ ଜାହାଜ ପରିଚାଳକଙ୍କ ସହିତ ନିୟମିତ ଯୋଗାଯୋଗ ବଜାୟ ରଖିବା। ସମ୍ଭାବ୍ୟ ବିପଦ ଓ ସେଗୁଡ଼ିକୁ ରୋକିବା ପାଇଁ ପଦକ୍ଷେପ ବିଷୟରେ ଭାରତୀୟ ନାବିକମାନଙ୍କୁ ସଚେତନ କରିବା। ବିଶ୍ୱର ବିଭିନ୍ନ ସ୍ଥାନରେ ବାଣିଜ୍ୟ ଜାହାଜ ଉପରେ ବାରମ୍ବାର ଆକ୍ରମଣକୁ ସୋନୋୱାଲ ଦୃଢ଼ ନିନ୍ଦା କରିଛନ୍ତି। ସେ ବିଶେଷକରି ଭାରତୀୟ ନାବିକମାନଙ୍କୁ ଟାର୍ଗେଟ କରି ଘଟୁଥିବା ଘଟଣା ଉପରେ ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଏପରି ଘଟଣା ନାବିକମାନଙ୍କ ସୁରକ୍ଷା ପାଇଁ ଗମ୍ଭୀର ବିପଦ ସୃଷ ି କରୁଛି, ସାମୁଦ୍ରିକ ବାଣିଜ୍ୟକୁ ପ୍ରଭାବିତ କରୁଛି ଓ ବିଶ୍ୱ ଯୋଗାଣ ଶୃଙ୍ଖଳାର ସ୍ଥିରତାକୁ ଦୁର୍ବଳ କରୁଛି ।କେନ୍ଦ୍ରମନ୍ତ୍ରୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ବୈଦେଶିକ ମନ୍ତ୍ରଣାଳୟ, ଭାରତୀୟ କୂଟନୈତିକ ମିଶନ, ସାମୁଦ୍ରିକ କ୍ଷେତ୍ରର ଅଂଶୀଦାର ଓ ଅନ୍ତର୍ଜାତୀୟ ଏଜେନ୍ସିଗୁଡ଼ିକ ସହିତ ଘନିଷ୍ଠ ସମନ୍ୱୟ ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରଣାଳୟ ଅନୁଯାୟୀ, ଭାରତୀୟ ପତାକା ବହନ କରୁଥିବା ଜାହାଜ କିମ୍ବା ଭାରତକୁ ସାମଗ୍ରୀ ପରିବହନ କରୁଥିବା ଜାହାଜ ଏପର୍ଯ୍ୟନ୍ତ ୮୬ ଥର ହର୍ମୁଜ୍ ପ୍ରଣାଳୀ ଦେଇ ଗମନ କରିଛନ୍ତି। ଏଥିରେ ଆହୁରି କୁହାଯାଇଛି ଯେ, ମନ୍ତ୍ରଣାଳୟର ଇ-ନାଭିକ୍ ସିଫେରର୍ ଟ୍ରାକିଂ ମଡ୍ୟୁଲ୍ ହର୍ମୁଜ ପ୍ରଣାଳୀର ପଶ୍ଚିମରେ ପାରସ୍ୟ ଉପସାଗରରେ ୮୦୦ ରୁ ଅଧିକ ଜାହାଜ ଓ ପୂର୍ବରେ ଓମାନ ଉପସାଗରରେ ୨୦୦ ରୁ ଅଧିକ ଜାହାଜକୁ ଟ୍ରାକ୍ କରୁଛି।

ସିଇସି ନିଯୁକ୍ତି ଆଇନ ମାମଲା

ଆବେଦନର ତ୍ୱରିତ ଶୁଣାଣି ମନା କଲେ ସିଜେଆଇ

ନୂଆଦିଲ୍ଲୀ : ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଓ ଅନ୍ୟ ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ସମ୍ପର୍କିତ ୨୦୨୩ ଆଇନକୁ ଚ୍ୟାଲେଞ୍ଜ କରି ହୋଇଥିବା ମାମଲାରେ ପୂର୍ବ ଆଦେଶର ପୁନର୍ବିଚାର ପାଇଁ ଦାଖଲ ଆବେଦନର ତ୍ୱରିତ ଶୁଣାଣିକୁ ସୁପ୍ରିମ୍କୋର୍ଟମନା କରିଦେଇଛନ୍ତି। ଅବସର ନେବାକୁ ଥିବା ଜଣେ ବିଚାରପତିଙ୍କ ଉପସ୍ଥିତିରେ ମୂଳ ଦୁଇଜଣିଆ ଖଣ୍ଡପୀଠରେ ଆବେଦନର ଶୁଣାଣି କରିବାକୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଅନୁରୋଧ କରିଥିଲେ। କିନ୍ତୁ ଏହି ପ୍ରସଙ୍ଗ ୫ ଜଣିଆ ସମ୍ବିଧାନ ପୀଠରେ ଉଠାଇବାକୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ପରାମର୍ଶ ଦେଇଛନ୍ତି।ଶୁକ୍ରବାର ସୁପ୍ରିମ୍କୋର୍ଟରେ ସିଜେଆଇ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ପ୍ରଶାନ୍ତ ଭୂଷଣ ଯୁକ୍ତି ରଖିଥିଲେ ଯେ, ସେପ୍ଟେମ୍ବର ୨୩ରେ ଯେଉଁ ଦୁଇଜଣିଆ ଖଣ୍ଡପୀଠ ମାମଲାକୁ ସମ୍ବିଧାନ ପୀଠକୁ ପଠାଇବା ପାଇଁ ଆଦେଶ ଦେଇଥିଲେ, ସେହି ଖଣ୍ଡପୀଠ ହିଁ ପୁନର୍ବିଚାର ଆବେଦନର ଶୁଣାଣି କରିବା ଉଚିତ। ଏହି ଖଣ୍ଡପୀଠରେ ବିଚାରପତି ଦୀପଙ୍କର ଦତ୍ତ ଓ ସତୀଶ ଚନ୍ଦ୍ର ଶର୍ମା ରହିଥିଲେ। ବିଚାରପତି



ଶର୍ମା ନଭେମ୍ବର ୨୯ରେ ଅବସର ନେବାକୁ ଥିବାରୁ ଆସନ୍ତା ସପ୍ତାହରେ ଆବେଦନର ଶୁଣାଣି ପାଇଁ ଭୂଷଣ ଅନୁରୋଧ କରିଥିଲେ। ତାଙ୍କ ଯୁକ୍ତି ଥିଲା, ବିଚାରପତି ଶର୍ମାଙ୍କ ସମ୍ଭାବ୍ୟ ସ୍ୱାର୍ଥଜନିତ ଦ୍ୱନ୍ଦ୍ୱ ସମ୍ପର୍କରେ ଆପତ୍ତି ରହିଥିବାରୁ ପୂର୍ବ ଆଦେଶର ପୁନର୍ବିଚାର ଆବେଦନ ସେହି ଖଣ୍ଡପୀଠରେ ଶୁଣାଣି ହେବା ଆବଶ୍ୟକ। ଏହାର ଉତ୍ତରରେ ସିଜେଆଇ କହିଥିଲେ, ପାଞ୍ଚଜଣିଆ ସମ୍ବିଧାନ ପୀଠ ମୂଳ ଆଦେଶର ବୈଧତା ସମେତ ପୁନର୍ବିଚାର ଆବେଦନ ଉପରେ ମଧ୍ୟ ବିଚାର କରିପାରିବେ। ଜଣେ ବିଚାରପତି ଅବସର ନେଇସାରିଥିଲେ ମଧ୍ୟ ଏଥିରେ ବାଧା ନାହିଁ। ବୃହତ୍ତର ପୀଠରେ ଏହି ଆପତ୍ତି ଉଠାଇବାକୁ ସେ କହିଥିଲେ।ସେପ୍ଟେମ୍ବର ୨୩ରେ ବିଚାରପତି ଦତ୍ତ ଓ ଶର୍ମାଙ୍କ ମଧ୍ୟରେ ଏହି ମାମଲାକୁ ସମ୍ବିଧାନ ପୀଠକୁ ପଠାଇବା ପ୍ରସଙ୍ଗରେ ମତଭେଦ ହୋଇଥିଲା। ବିଚାରପତି ଦତ୍ତଙ୍କ ମତରେ ଦୁଇଜଣିଆ ଖଣ୍ଡପୀଠରେ ହିଁ ଆଇନର ସାମ୍ବିଧାନିକ ବୈଧତା ଯାଞ୍ଚ ହୋଇପାରିବ। ଅନ୍ୟପକ୍ଷରେ ବିଚାରପତି ଶର୍ମା ଏହାକୁ ପାଞ୍ଚଜଣିଆ ସମ୍ବିଧାନ ପୀଠକୁ ପଠାଇବା ସପକ୍ଷରେ ମତ ଦେଇଥିଲେ। ପରେ ମାମଲାକୁ ବୃହତ୍ତର ପୀଠକୁ ପଠାଇବା ପାଇଁ ଉଭୟ ସହମତ ହୋଇଥିଲେ।

ଥିରୁପରାଙ୍କୁନ୍ଦ୍ରମ ପାହାଡ଼ରେ ଜଳିବ ଦୀପ

ଚେନ୍ନାଇ : ତାମିଲନାଡୁର ମଦୁରାଇସ୍ଥିତ ଥିରୁପରାଙ୍କୁନ୍ଦ୍ରମ ପାହାଡ଼ରେ ଦୀପ ଜଳାଇବାକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ସୁପ୍ରିମକୋର୍ଟ ଶୁକ୍ରବାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ପାହାଡ଼ ଉପରେ ଥିବା 'ଦୀପଥୂଣ' ସ୍ଥାନରେ ଚଳିତ ନଭେମ୍ବର ୨୪ ତାରିଖରେ ଥରକ ପାଇଁ କାର୍ତ୍ତିଗାଇ ଦୀପମ୍ ଜଳାଇବାକୁ କୋର୍ଟ ଅନୁମତି ଦେଇଛନ୍ତି। ତେବେ ଏହି ଅନୁମତି ସ୍ଥାୟୀ ନୁହେଁ, ବରଂ ଏକକାଳୀନ ବ୍ୟବସ୍ଥା ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ଏଥିସହ ଦୀପ ଜଳାଇବା ସମୟରେ ସାଧାରଣ ଲୋକଙ୍କୁ ପାହାଡ଼ ଉପରକୁ ଯିବାକୁ ଅନୁମତି ମିଳିବ ନାହିଁ। ଅର୍ଥାତ୍ ଦୀପ ଜଳିବ, କିନ୍ତୁ ସେହି ସ୍ଥାନରେ ଜନସାଧାରଣଙ୍କ ପ୍ରବେଶ ଉପରେ କଟକଣା ରହିବ।ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ମାଡ୍ରାସ ହାଇକୋର୍ଟ ପୂର୍ବରୁ ଦେଇଥିବା ରାୟର କିଛି ଅଂଶ ଉପରେ ମଧ୍ୟ ସୁପ୍ରିମକୋର୍ଟ ରୋକ୍ ଲଗାଇଛନ୍ତି। ଦୀପ ଜଳାଇବା ପରମ୍ପରାକୁ ପୁନଃ ଆରମ୍ଭ କରିବା ସମ୍ପର୍କିତ ନିର୍ଦ୍ଦେଶର କିଛି ଅଂଶ ଏହି ରୋକ୍ରେ ସାମିଲ ରହିଛି। କୋର୍ଟଙ୍କ ଏହି ନିଷ୍ପତ୍ତି ପରେ ନଭେମ୍ବର ୨୪ ତାରିଖରେ ଦୀପ ଜଳାଇବା ପାଇଁ ରାସ୍ତା ଖୋଲିଛି। ତେବେ ଏହାକୁ ଏକ ସ୍ଥାୟୀ ଅନୁମତି ଭାବେ ଧରାଯାଇପାରିବ ନାହିଁ।

ସୁନା ଏବଂ ରୁପା ମୂଲ୍ୟରେ ବଡ଼ ହ୍ରାସ

ନୂଆଦିଲ୍ଲୀ: ଯେଉଁମାନେ ସୁନା ଏବଂ ରୁପା କିଣିବାକୁ ଯୋଜନା କରୁଛନ୍ତି ସେମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ନଭେମ୍ବର ୨୦ରେ ଉଭୟ ଧାତୁର ମୂଲ୍ୟରେ ବଡ଼ ଧରଣର ହ୍ରାସ ପାଇଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନା ମୂଲ୍ୟ ୪,୭୦୦ ଟଙ୍କାରୁ ଅଧିକ ହ୍ରାସ ପାଇଥିବା ବେଳେ ରୁପା ମୂଲ୍ୟ ୮,୦୦୦ ଟଙ୍କାରୁ ଅଧିକ କମିଯାଇଛି। ନଭେମ୍ବର ୨୦ ତାରିଖ ସକାଳେ ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନା ମୂଲ୍ୟ ୪,୭୧୫ ଟଙ୍କା (୩.୭୦%) ହ୍ରାସ ପାଇ ପ୍ରତି ୧୦ ଗ୍ରାମ ପିଛା ୧,୨୨,୭୩୭ ଟଙ୍କାରେ ପହଞ୍ଚିଛି। ସେହିପରି, ରୁପା ମୂଲ୍ୟ ୮,୨୬୯ ଟଙ୍କା (୫.୨୫%) ହ୍ରାସ ପାଇ ପ୍ରତି କିଲୋଗ୍ରାମ ପିଛା ୧,୪୯,୨୧୩ ଟଙ୍କାରେ ରହିଛି। ଏହା ପୂର୍ବରୁ ମଧ୍ୟ ସୁନା ଦର କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଦେଶର ରାଜଧାନୀ ଦିଲ୍ଲୀରେ ନଭେମ୍ବର ୨୦ ତାରିଖ ସକାଳେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୧,୨୫,୬୨୦ ଟଙ୍କା। ରେକର୍ଡ କରାଯାଇଛି। ସେହିପରି ୨୨ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୧,୧୫,୨୫୦ ଟଙ୍କା ଥିବାବେଳେ, ୧୮ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୯୪,୩୩୦ ଟଙ୍କା ରହିଛି। ଅନ୍ୟପକ୍ଷରେ, ମୁମ୍ବାଇରେ ୨୪ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମ ପିଛା ୧,୨୫,୫୭୦ ଟଙ୍କାରେ ଏବଂ ୨୨ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମ ପିଛା ୧,୧୫,୨୦୦ ଟଙ୍କାରେ ବିକ୍ରି ହେଉଛି। ଅନ୍ୟପକ୍ଷରେ, ୧୮ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୯୪,୨୮୦ ଟଙ୍କା ରହିଛି।ସୁନା ସହିତ ରୁପା ମୂଲ୍ୟ ମଧ୍ୟ କମିଛି। ନଭେମ୍ବର ୨୦ ତାରିଖ ସକାଳେ ରୁପାର ଖୁଚୁରା ମୂଲ୍ୟ ପ୍ରତି କିଲୋଗ୍ରାମ ପିଛା ୧,୭୯,୯୦୦ ଟଙ୍କା ରହିଛି।

କାବେରୀ ଜଳ ବିବାଦ

ତାମିଲନାଡୁ ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ: ସୁପ୍ରିମକୋର୍ଟ କାବେରୀ ଜଳ ବିବାଦ ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଳ ଅଭାବ ପୂରଣ କରିବା ପାଇଁ କର୍ଣ୍ଣାଟକକୁ ୧୧ ଟିଏମସି କାବେରୀ ଜଳ ଛାଡିବା ପାଇଁ ନିର୍ଦ୍ଦେଶ ଦେବା ପାଇଁ ତାମିଲନାଡୁର ଏକ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଚାଷୀ ଓ ଫସଲ ଉପରେ ଜଳ ଅଭାବର ପ୍ରଭାବ ଦର୍ଶାଇ ତାମିଲନାଡୁ ଅତିରିକ୍ତ ପାଣି ପାଇଁ ଅନୁରୋଧ କରିଥିଲା। କଥିତ ଜଳ ଅଭାବକୁ ଦୂର କରିବା ପାଇଁ କାବେରୀ ନଦୀର ୧୧ ଟିଏମସି ଜଳ ଛାଡିବା ପାଇଁ କର୍ଣ୍ଣାଟକକୁ ନିର୍ଦ୍ଦେଶ ଦେବା ପାଇଁ ତାମିଲନାଡୁର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ବିଚାରପତି ବିକ୍ରମ ନାଥ ଓ ଅପରେଶ ସିଂହଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇନ୍ତି।କାବେରୀ ନଦୀରେ ପ୍ରାୟ ୧୧ ଟିଏମସି ଜଳ ଛାଡିବା ପାଇଁ କର୍ଣ୍ଣାଟକକୁ ନିର୍ଦ୍ଦେଶ ଦେବା ପାଇଁ ତାମିଲନାଡୁ ସରକାରଙ୍କ ଦ୍ୱାରା ଦାୟର ଆବେଦନ ଉପରେ



ଶୁକ୍ରବାର ସକାଳ ପ୍ରାୟ ୧୦ଟା ୩୦ ସମୟରେ ଖୋଲା ଅଦାଲତରେ ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ସୁପ୍ରିମକୋର୍ଟର ଖଣ୍ଡପୀଠ କହିଛନ୍ତି, ଦୁଇଟି ଆବେଦନ ଥିଲା। ଆବେଦନ ୨୮୪୩ରେ ଆମେ ଖାରଜ କରିଛୁ ଓ ଆବେଦନ ୪୬୨୯୧ ମଧ୍ୟ ଖାରଜ କରାଯାଇଛି। ଆଜି ମଧ୍ୟ ଆମେ ଦାଖଲ ହୋଇଥିବା ତୃତୀୟ ଆବେଦନକୁ ଖାରଜ କରିବୁ। ତାମିଲନାଡୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ମୁକୁଲ ରୋହତଗୀ ଯୁକ୍ତି ଦେଇଥିଲେ ଯେ, ଚଳିତ ବର୍ଷ ପର୍ଯ୍ୟାପ୍ତ ବର୍ଷା ନହେବାରୁ ଏକ ଦୁଃଖଦ ବର୍ଷ ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କର୍ଣ୍ଣାଟକ କାବେରୀ ନଦୀରୁ ପାଣି ଛାଡ଼ି ନଥିବାରୁ ଫସଲ ପ୍ରଭାବିତ ହେଉଛି। ଅନ୍ୟପକ୍ଷରେ, କର୍ଣ୍ଣାଟକ ପକ୍ଷରୁ ଓକିଲ ଶ୍ୟାମ ଦିବାନ କହିଥିଲେ ଯେ, ଏହା ଏକ ମରୁଡ଼ି ବର୍ଷ, ରାଜ୍ୟର ଅନେକ ଜିଲ୍ଲା ମରୁଡ଼ି କବଳରେ ଅଛି; ଫଳସ୍ୱରୂପ, ଜଳସେଚନ ପାଇଁ ପାଣି ଆବଣ୍ଟନ ହ୍ରାସ କରାଯାଇଛି। ସେ ଯୁକ୍ତି ଦେଇଥିଲେ ଯେ, ଆଗାମୀ ଉତ୍ତର-ପୂର୍ବ ମୌସୁମୀ ବାୟୁରୁ ତାମିଲନାଡୁ ଲାଭବାନ ହେବାରେ ଲାଗିଛି, କିନ୍ତୁ କର୍ଣ୍ଣାଟକ ଏଥିରୁ କୌଣସି ଲାଭ ପାଇବ ନାହିଁ।ଜଷ୍ଟିସ୍ ନାଥ ରାୟ ଶୁଣାଇବା ସମୟରେ, ତାମିଲନାଡୁ ସରକାରଙ୍କୁ ପ୍ରଶ୍ନ କରିଥିଲେ ଯେ ଆପଣ ଆଜି ଆଉ ଏକ ଆବେଦନ ଦାଖଲ କରିଛନ୍ତି? ତାମିଲନାଡୁ ରାଜ୍ୟ ପାଖରେ ପ୍ରଚୁର ପାଣି ଅଛି। ତୃତୀୟ ଆବେଦନକୁ ଆଜି ପାଇଁ ସ୍ଥଗିତ ରଖାଯାଇଛି। ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ଆବେଦନରେ ତାମିଲନାଡୁ ସରକାର ଅଭିଯୋଗ କରିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ରାୟର ଉଲ୍ଲଙ୍ଘନ କରି କର୍ଣ୍ଣାଟକ ଚଳିତ ବର୍ଷ ତାମିଲନାଡୁକୁ କାବେରୀ ଜଳ ଛାଡ଼ିବାରେ ବିଫଳ ହୋଇଛି।ଡିଏମକେ ଓକିଲ ପି. ୱିଲସନ୍ ହାଜର ହୋଇ ବିଚାରପତିମାନଙ୍କୁ କିଛି ଯୁକ୍ତି ଉପସ୍ଥାପନ କରିବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲେ, କହିଥିଲେ ଯେ, ସେ କୃଷକ ଗୋଷ୍ଠୀ ପକ୍ଷରୁ ହାଜର ହେଉଛନ୍ତି। ତଥାପି, ବିଚାରପତିମାନେ ସ୍ପଷ୍ଟ ଭାବରେ କହିଥିଲେ ଯେ ଯେହେତୁ ଉଭୟ ରାଜ୍ୟ ସରକାର ପୂର୍ବରୁ ଏହି ମାମଲାରେ ଯୁକ୍ତି କରୁଛନ୍ତି, ତେଣୁ ସେମାନେ ଆଉ କୌଣସି ଯୁକ୍ତି ପ୍ରଦାନ କରିପାରିବେ ନାହିଁ।

ଏନକାଉଣ୍ଟରରେ କୁଖ୍ୟାତ ନସିମ ଦୁରାନୀ ନିହତ

ଲକ୍ଷ୍ନୌ : ଉତ୍ତରପ୍ରଦେଶର ବୁଲନ୍ଦସହର୍ ଜିଲ୍ଲାରେ ପୁଲିସ ଗୁଳିରେ ନିହତ ହୋଇଛି କୁଖ୍ୟାତ ଅପରାଧୀ ନସିମ ଦୁରାନୀ। ଦୁରାନୀ ନାମରେ ଦିଲ୍ଲୀର ଦୁଇଟି ହତ୍ୟା ମାମଲା ରହିଥିବା ବେଳେ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମର ଡି-କମ୍ପାନୀ ସହ ମଧ୍ୟ ସମ୍ପର୍କ ଥିବା ଅଭିଯୋଗ ରହିଛି। ପୁଲିସ ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶର ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍ଟିଏଫ୍) ଓ ଦିଲ୍ଲୀ କ୍ରାଇମ୍ ବ୍ରାଞ୍ଚ ମିଳିତ ଭାବେ ଏହି କାର୍ଯ୍ୟାନୁଷ୍ଠାନ କରିଥିଲେ। ବୁଲନ୍ଦସହର ଜିଲ୍ଲାର ସିକନ୍ଦରାବାଦ ଥାନା ଅଞ୍ଚଳରେ ଦୁରାନୀ ଲୁଚି ରହିଥିବା ଖବର ପାଇ ପୁଲିସ ତାଙ୍କୁ ଘେରିଥିଲା। ପୁଲିସର କହିବା ଅନୁଯାୟୀ, ଘେରାଉ ସମୟରେ ଦୁରାନୀ ପୁଲିସ ଉପରକୁ ଗୁଳି ଚଳାଇଥିଲା। ଜବାବରେ ପୁଲିସ ଗୁଳି ଚଳାଇବାରୁ ସେ ଆହତ ହୋଇଥିଲା। ତାକୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

ଜାତିସଂଘରେ ଭାରତକୁ ପାଲେଷ୍ଟାଇନର ସମର୍ଥନ

● ୪ ପ୍ରସ୍ତାବ ସପକ୍ଷରେ ଦେଲା ଭୋଟ

ନୂଆଦିଲ୍ଲୀ/ନ୍ୟୁୟର୍କ: ପାଲେଷ୍ଟାଇନର ଆତ୍ମନିର୍ଣ୍ଣୟ ଅଧିକାର ଓ ଶରଣାର୍ଥୀଙ୍କ ସୁରକ୍ଷା ନେଇ ଜାତିସଂଘ ସାଧାରଣ ପରିଷଦ (ୟୁଏନଜିଏ) ରେ ଆଗତ ଚାରୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସପକ୍ଷରେ ଭାରତ ଭୋଟ୍ ଦେଇଛି। ୧୯୩ ସଦସ୍ୟ ବିଶିଷ୍ଟ ଜାତିସଂଘ ସାଧାରଣ ପରିଷଦରେ ହୋଇଥିବା ମତଦାନରେ ଭାରତ ପାଲେଷ୍ଟାଇନବାସୀଙ୍କ ସ୍ୱାଧୀନ ରାଷ୍ଟ୍ର ଗଠନ ଅଧିକାର, ଶରଣାର୍ଥୀ ସଂସ୍ଥାର କାର୍ଯ୍ୟ ଜାରି ରଖିବା ଏବଂ ଅଧିକୃତ ଅଞ୍ଚଳରେ ଇସ୍ରାଏଲୀ ବସତି ସ୍ଥାପନକୁ ବେଆଇନ ଘୋଷ କରିବା ଭଳି ପ୍ରସ୍ତାବକୁ ସମର୍ଥନ ଜଣାଇଛି। ମତଦାନ ହୋଇଥିବା ପ୍ରଥମ ପ୍ରସ୍ତାବଟି ପାଲେଷ୍ଟାଇନ୍ ଲୋକଙ୍କ ଆତ୍ମନିର୍ଣ୍ଣୟ



ଅଧିକାର ଏବଂ ଏକ ସ୍ୱାଧୀନ ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ସମ୍ପର୍କିତ ଥିଲା। ଏହି ପ୍ରସ୍ତାବ ସପକ୍ଷରେ ୧୬୨ଟି ଭୋଟ୍ ପଡ଼ିଥିବା ବେଳେ ବିପକ୍ଷରେ ୮ଟି ଭୋଟ୍ ପଡ଼ିଥିଲା। ଦ୍ୱିତୀୟ ପ୍ରସ୍ତାବଟି ପାଲେଷ୍ଟାଇନ୍ ଶରଣାର୍ଥୀଙ୍କ ପାଇଁ କାର୍ଯ୍ୟ କରୁଥିବା ଜାତିସଂଘ ସଂସ୍ଥା 'ୟୁଏନଆରଡବ୍ଲ୍ୟୁଏ'ର କାର୍ଯ୍ୟକୁ ନିରବଚ୍ଛିନ୍ନ ଭାବେ ଜାରି ରଖିବା ଉପରେ ଆଧାରିତ ଥିଲା। ଇସ୍ରାଏଲ ଏବଂ ଆମେରିକା ସମେତ ୯ଟି ଦେଶ ଏହାକୁ ବିରୋଧ କରିଥିବା ବେଳେ ଭାରତ ସମେତ ୧୪୩ଟି ଦେଶ ସପକ୍ଷରେ ମତ ଦେଇଥିଲେ। ସେହିପରି ପାଲେଷ୍ଟାଇନ୍ ଶରଣାର୍ଥୀଙ୍କ ସମ୍ପତ୍ତି ଏବଂ ସେଥିରୁ ମିଳୁଥିବା ରାଜସ୍ୱ ଉପରେ ସେମାନଙ୍କର ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଆଗତ ତୃତୀୟ ପ୍ରସ୍ତାବକୁ ମଧ୍ୟ ନୂଆଦିଲ୍ଲୀ ସମର୍ଥନ କରିଛି। ଏହି ପ୍ରସ୍ତାବଟି ୧୫୫ଟି ଭୋଟରେ ଗୃହୀତ ହୋଇଛି।

ରାଜସ୍ଥାନ ପଞ୍ଚାୟତ ନିର୍ବାଚନ

କଂଗ୍ରେସର ଏକତରଫା ବିଜୟ

ଜୟପୁର : ରାଜସ୍ଥାନ ପଞ୍ଚାୟତ ନିର୍ବାଚନରେ କଂଗ୍ରେସର କମାଲ କରିଛି କଂଗ୍ରେସ। ରାଜସ୍ଥାନର ୪୧ଟି ଜିଲ୍ଲାରୁ ୩୭ଟି ଜିଲ୍ଲାରେ ଅନୁଷ୍ଠିତ ନିର୍ବାଚନରେ କଂଗ୍ରେସ ଏକତରଫା ପ୍ରଦର୍ଶନ କରିଛି। ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମାଙ୍କ ଠାରୁ ଆରମ୍ଭ କରି ଏକାଧିକ ମନ୍ତ୍ରୀ ଓ ସାଂସଦଙ୍କ ଗଡ଼ରେ ବିଜେପି ମୂଳପୋଛ ହୋଇଯାଇ

୩୨ ବର୍ଷ ଅପେକ୍ଷାର ଅନ୍ତ ଘଟାଇଲେ ରାହୁଲ- ଜୈଶ୍ୱାଲ

ନ୍ୟୁଜିଲାଣ୍ଡ ମାଟିରେ ଐତିହାସିକ ଭାଗିଦାରୀ



ୱେଲିଙ୍ଗଟନ, ୨୦।୧୧(ଏଜେନ୍ସି) : ନ୍ୟୁଜିଲାଣ୍ଡ ମାଟିରେ ଦୀର୍ଘ ୩୨ ବର୍ଷର ଅପେକ୍ଷାର ଅନ୍ତ ଘଟାଇଛନ୍ତି ଭାରତୀୟ ଓପନର କେଏଲ୍ ରାହୁଲ ଓ ଯଶସ୍ୱୀ ଜୈସୱାଲ । ଘରୋଇ ଦଳ ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ଉଭୟ ପ୍ରଥମ ୱିକେଟରେ ୧୩୦ ରନର ଭାଗିଦାରୀ କରି ଭାରତକୁ ଦୃଢ଼ ଆରମ୍ଭ ଦେଇଛନ୍ତି । ଏହା ସହ ୧୯୯୪ ପରଠାରୁ ନ୍ୟୁଜିଲାଣ୍ଡ ମାଟିରେ ଭାରତୀୟ ଓପନିଂ ଯୋଡ଼ିର ଶତକୀୟ ଭାଗିଦାରୀ ଅପେକ୍ଷାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ପ୍ରଥମ ଦିନରେ ଭାରତୀୟ ବୋଲରଙ୍କୁ କଡ଼ା ମୁକାବିଲା କରି ନ୍ୟୁଜିଲାଣ୍ଡ ୩୬୮ ରନ ସଂଗ୍ରହ କରିଛି । ଗୋଟିଏ ସମୟରେ ଘରୋଇ ଦଳ ୭୦ ରନରେ ୫ଟି ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା । କିନ୍ତୁ ହେନରୀ ନିକୋଲସ ଓ ଗ୍ଲେନ୍ ଫିଲିପ୍ସଙ୍କ ଚମତ୍କାର ବ୍ୟାଟିଂ ଭାରତୀୟ ବୋଲରଙ୍କ ଯୋଜନାକୁ ବିଫଳ କରିଥିଲା । ଉଭୟ ଷଷ୍ଠ ୱିକେଟରେ ୨୧୬ ରନ ଯୋଡ଼ି ଦଳକୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ । ଫିଲିପ୍ସ ୧୧୮ ରନର ଶତକୀୟ ଇନିଂସ ଖେଳିଥିବା ବେଳେ ନିକୋଲସ ୩୩୫ ବଲରୁ ୧୭୫ ରନ କରି ଅପରାଜିତ ରହିଥିଲେ । ଭାରତ ପକ୍ଷରୁ ଯଶପ୍ରୀତ ବୁମ୍ରା ୪ଟି ୱିକେଟ ନେଇଥିବା ବେଳେ ଆକାଶ ଦୀପ ୩ଟି, ଅଂଶୁଲ କମ୍ବୋଜ ୨ଟି ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ୱିକେଟ ଅକ୍ତିଆର କରିଥିଲେ । ୩୬୮ ରନର ଜବାବ ଦେବାକୁ ଆସିଥିବା ଭାରତ ପାଇଁ ରାହୁଲ ଓ ଜୈସୱାଲ ଇନିଂସ ଆରମ୍ଭ କରିଥିଲେ । ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନରୀ ଓ କାଇଲ ଜାମିସନ ନୂଆ ବଲରେ ଘାତକ ସୁଇଂ ବୋଲିଂ କରିଥିଲେ । ଏପରିକି ଭାରତକୁ ପ୍ରଥମ ରନ ସଂଗ୍ରହ କରିବା ପାଇଁ ୨୬ଟି ବଲ ଖେଳିବାକୁ ପଡ଼ିଥିଲା । ତେବେ ଉଭୟ ଭାରତୀୟ ବ୍ୟାଟର ଧୈର୍ଯ୍ୟର ସହ ବ୍ୟାଟିଂ କରି ୱିକେଟ ସୁରକ୍ଷିତ ରଖିଥିଲେ । ବଲର ସୁଇଂ କମିବା ପରେ ଦୁଇ ଓପନର ରନ ସଂଗ୍ରହର ଗତି ବଢ଼ାଇଥିଲେ । ଜୈସୱାଲ ଆକ୍ରମଣାତ୍ମକ ବ୍ୟାଟିଂ କରି ଅର୍ଦ୍ଧଶତକ ପୂରଣ କରିବା ସହ ନ୍ୟୁଜିଲାଣ୍ଡ ବୋଲରଙ୍କ ଉପରେ ଚାପ ସୃଷ୍ଟି କରିଥିଲେ । ଅନ୍ୟପଟେ ରାହୁଲ ନିଜର ଅଭିଜ୍ଞତା ଓ ଧୈର୍ଯ୍ୟର ପରିଚୟ ଦେଇ ଇନିଂସକୁ ଆଗକୁ ବଢ଼ାଇଥିଲେ । ପ୍ରଥମ ୱିକେଟରେ ୧୩୦ ରନ ଯୋଡ଼ିବା ପରେ ଜୈସୱାଲ ମ୍ୟାଟ୍ ହେନରୀଙ୍କ ବଲରେ କ୍ୟାଚ୍ ଆଉଟ ହୋଇଥିଲେ । ସେ ୮୯ଟି ବଲରୁ ୮୫ ରନ କରିଥିଲେ । ଅନ୍ୟପଟେ ରାହୁଲ ୫୨ ରନ କରି ଅପରାଜିତ ଥିଲେ । ଷ୍ଟମ୍ପ ଅପସାରଣ ବେଳକୁ ଦେବଦତ୍ତ ପାଡିକ୍କଲ ୧୬ ରନ କରି ତାଙ୍କ ସହ କ୍ରିଜ୍ରେ ରହିଥିଲେ । ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ୩୯ ଓଭରରେ ଗୋଟିଏ ୱିକେଟ ହରାଇ ୧୫୯ ରନ ସଂଗ୍ରହ କରିଛି । ଏହି ଭାଗିଦାରୀ ଭାରତୀୟ କ୍ରିକେଟ ପାଇଁ ଏକ ଉଲ୍ଲେଖନୀୟ ସଫଳତା । ଶେଷ ଥର ପାଇଁ ୧୯୯୪ରେ ହାମିଲଟନରେ ନବଜୋତ ସିଂହ ସିଦ୍ଧୁ ଓ ନୟନ ମୋଙ୍ଗିଆ ନ୍ୟୁଜିଲାଣ୍ଡ ମାଟିରେ ଭାରତ ପାଇଁ ଶତକୀୟ ଓପନିଂ ଭାଗିଦାରୀ କରିଥିଲେ । ଏହା ପରଠାରୁ କୌଣସି ଭାରତୀୟ ଓପନିଂ ଯୋଡ଼ି ଏହି ସଫଳତା ହାସଲ କରିପାରି ନଥିଲେ । ଏବେ ରାହୁଲ ଓ ଜୈସୱାଲ ସେହି ରେକର୍ଡର ପୁନରାବୃତ୍ତି କରିଛନ୍ତି । ତେବେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ନ୍ୟୁଜିଲାଣ୍ଡର ପ୍ରଥମ ଇନିଂସ ସ୍କୋରଠାରୁ ୨୦୯ ରନ ପଛରେ ରହିଛି । ତେଣୁ ତୃତୀୟ ଦିନରେ ଭାରତୀୟ ମଧ୍ୟକ୍ରମ ବ୍ୟାଟରଙ୍କ ଉପରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିବ ।

ଡିଆରଏସରେ ଗିଲ୍ ନିରାଶ, ୪୧ ରିଭ୍ୟୁରୁ ମାତ୍ର ୫ରେ ସଫଳ

ବ୍ୟାଟିଂରେ ନିଜର ଦକ୍ଷତା ପ୍ରମାଣିତ କରିଥିବା ଭାରତୀୟ ଟେଷ୍ଟ ଅଧିନାୟକ ଶୁଭମନ ଗିଲ୍ ଡିଆରଏସ୍ (ନିଷ୍ପତ୍ତି ସମୀକ୍ଷା ବ୍ୟବସ୍ଥା) ବ୍ୟବହାର କ୍ଷେତ୍ରରେ କିନ୍ତୁ ନିରାଶ କରିଛନ୍ତି । ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଦୁଇ ଦିନ ମଧ୍ୟରେ ତିନିଟି ରିଭ୍ୟୁ ନେଇଥିଲେ ମଧ୍ୟ ସବୁଥିରେ ବିଫଳ ହୋଇଛି ଭାରତ । ଏହାକୁ ନେଇ ଗିଲ୍ଙ୍କ ନିଷ୍ପତ୍ତି ନେବା ଦକ୍ଷତା ଉପରେ ପ୍ରଶ୍ନ ଉଠିଛି । ପ୍ରକାଶିତ ତଥ୍ୟ ଅନୁସାରେ, ଅଧିନାୟକ ଭାବେ ଗିଲ୍ ଏଯାଏ ୪୧ ଥର ଡିଆରଏସ୍ ବ୍ୟବହାର କରିଛନ୍ତି । ହେଲେ ମାତ୍ର ୫ଟି ରିଭ୍ୟୁରେ ଭାରତକୁ ସଫଳତା ମିଳିଛି । ଅନ୍ୟ ୩୬ଟି ରିଭ୍ୟୁ ବିଫଳ ହୋଇଛି । ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ର ପ୍ରଥମ ଦିନରେ ଯଶପ୍ରୀତ ବୁମ୍ରାଙ୍କ ବୋଲିଂରେ ଗ୍ଲେନ୍ ଫିଲିପ୍ସଙ୍କ ବିପକ୍ଷରେ ଗିଲ୍ ପ୍ରଥମ ରିଭ୍ୟୁ ନେଇଥିଲେ । ତେବେ ରିପ୍ଲେରେ ବଲ୍ ବ୍ୟାଟ୍ରେ ବାଜିଥିବା ସ୍ପଷ୍ଟ ହେବାରୁ ଭାରତ ରିଭ୍ୟୁ ହରାଇଥିଲା । ସେହିପରି ପ୍ରଥମ ଦିନରେ ଅଂଶୁଲ କାମ୍ବୋଜଙ୍କ ବଲ୍ରେ ରଚିନ ରବୀନ୍ଦ୍ରଙ୍କ ବ୍ୟାଟ୍ରେ ବଲ୍ ବାଜି ୱିକେଟକିପର ରଷଭ ପନ୍ତଙ୍କ ନିକଟକୁ ଯାଇଥିଲେ ମଧ୍ୟ ଗିଲ୍ ରିଭ୍ୟୁ ନେଇ ନଥିଲେ । ଏହି ସୁଯୋଗର ଫାଇଦା ଉଠାଇ ରଚିନ ଆଉ ୫୦ଟି ବଲ୍ ଖେଳିଥିଲେ । ଦ୍ୱିତୀୟ ଦିନରେ ଆକାଶ ଦୀପଙ୍କ ବୋଲିଂରେ ନାଥନ ସ୍ମିଥ୍ ଓ ମ୍ୟାଟ୍ ହେନରୀଙ୍କ ବିପକ୍ଷରେ ଗିଲ୍ ରିଭ୍ୟୁ ନେଇଥିଲେ । ହେଲେ ଉଭୟ ରିଭ୍ୟୁ ମଧ୍ୟ ଭାରତ ସପକ୍ଷରେ ଯାଇ ନଥିଲା । ଫଳରେ ଭାରତ ନିଜର ତିନୋଟି ଯାକ ରିଭ୍ୟୁ ହରାଇଥିଲା ।

ହଂକଂ ଓପନ୍ ସେମିରେ ସାତ୍ତ୍ୱିକ-ଚିରାଗ

ହଂକଂ, ୨୦/୧୧(ଏଜେନ୍ସି): ହଂକଂ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତର ଅଭିଯାନ ଜାରି ରହିଛି । ପୁରୁଷ ଯୁଗଳରେ ଭାରତୀୟ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଚମତ୍କାର ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଶୁକ୍ରବାର ଖେଳାଯାଇଥିବା କ୍ୱାର୍ଟରଫାଇନାଲରେ ଭାରତୀୟ ଯୋଡ଼ି ଚୀନର ହୁ କେ ୟୁଆନ ଓ ଲିନ୍ ଜିଆଙ୍ଗ ୟିଙ୍କୁ ୨୧-୧୨, ୧୩-୨୧, ୨୧-୧୬ ଗେମରେ ପରାସ୍ତ କରିଛନ୍ତି । ଏହି ବିଜୟ ସହ ଭାରତୀୟ ଯୋଡ଼ି ପ୍ରତିଯୋଗିତାର ଶେଷ ଚାରିରେ ସ୍ଥାନ ପକ୍କା କରିଛନ୍ତି । ବିଶ୍ୱ ମାନ୍ୟତାପ୍ରାପ୍ତ ଏହି ଭାରତୀୟ ଯୋଡ଼ି ମ୍ୟାଚ୍ ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ । ପ୍ରଥମ ଗେମରେ ୬-୩ରେ ଆଗୁଆ ରହିବା ପରେ ପ୍ରଥମ ବିରତି ବେଳକୁ ୧୧-୭ରେ ଅଗ୍ରଣୀ ହାସଲ କରିଥିଲେ । ଏହାପରେ ଭାରତୀୟ ଯୋଡ଼ି ନିଜର ଆଧିପତ୍ୟ ଜାରି ରଖି ୨୧-୧୨ରେ ପ୍ରଥମ ଗେମ୍ ଜିତି ନେଇଥିଲେ । ତେବେ ଦ୍ୱିତୀୟ ଗେମରେ ଚୀନ୍ ଯୋଡ଼ି ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲେ । ଉଭୟ ଯୋଡ଼ିଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲେ ମଧ୍ୟ ହୁ ଓ ଲିନ୍ ୨୧-୧୩ରେ ଗେମ୍ ଜିତି ମ୍ୟାଚ୍କୁ ସମାନ ସ୍ଥିତିକୁ ଆଣିଥିଲେ । ନିର୍ଣ୍ଣାୟକ ତୃତୀୟ ଗେମ୍ରେ ସାତ୍ତ୍ୱିକ ଓ ଚିରାଗ ପୁଣି ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ । ପ୍ରଥମ ବିରତି ବେଳକୁ ୧୧-୭ରେ ଆଗୁଆ ରହିବା ସହ ପରବର୍ତ୍ତୀ ସମୟରେ ୧୭-୧୦ରେ ପହଞ୍ଚିଥିଲେ । ଶେଷ ଆଡ଼କୁ ଚୀନ୍ ଯୋଡ଼ି ବ୍ୟବଧାନ କମାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ଭାରତୀୟ ଖେଳାଳି ଚାପର ବଶବର୍ତ୍ତୀ ନହୋଇ ୨୧-୧୬ରେ ଗେମ୍ ଜିତିଥିଲେ । ୫୯ ମିନିଟର ଲଢ଼େଇ ପରେ ଭାରତୀୟ ଯୋଡ଼ି ବିଜୟୀ ହୋଇଥିଲେ । ଚଳିତ ବର୍ଷ ସାତ୍ତ୍ୱିକ ଓ ଚିରାଗଙ୍କ ପ୍ରଦର୍ଶନ ବେଶ୍ ଉଲ୍ଲେଖନୀୟ ରହିଛି । ଏହି ଯୋଡ଼ି ସିଙ୍ଗାପୁର ଓପନ୍ ଏବଂ ଚାଇନା ମାଷ୍ଟର୍ସରେ ଦୁଇଟି ସୁପର ୭୫୦ ଟାଇଟଲ ଜିତିଛନ୍ତି । ଥାଇଲାଣ୍ଡ ଓପନ୍ରେ ଉପବିଜେତା ମଧ୍ୟ ହୋଇଥିଲେ । ଏବେ ହଂକଂ ଓପନ୍ରେ ଆଉ ଏକ ଟାଇଟଲ ଜିତିବା ଲକ୍ଷ୍ୟରେ ଏହି ଯୋଡ଼ି ଆଗକୁ ବଢ଼ିଛନ୍ତି । ସେମିଫାଇନାଲରେ ସେମାନେ ଡେନମାର୍କର ଡାନିଏଲ ଲୁଣ୍ଡଗାର୍ଡ-ମ୍ୟାଡ୍ସ ଭେଷ୍ଟରଗାର୍ଡ କିମ୍ବା ମାଲେସିଆର ମାନ୍ ୱେଇ ଚୋଙ୍ଗ-ଟି କାଇ ଓକ୍ବନଙ୍କୁ ଭେଟିବେ ।

ସେମିରେ ଲକ୍ଷ୍ୟ ସେନ୍ : ପୁରୁଷ ଏକକରେ ଭାରତର ଲକ୍ଷ୍ୟ ସେନ୍ ମଧ୍ୟ ଉନ୍ନତ ପ୍ରଦର୍ଶନ ଜାରି ରଖି ସେମିଫାଇନାଲରେ ପ୍ରବେଶ କରିଛନ୍ତି । ସେ ସିଙ୍ଗାପୁରର ପୂର୍ବତନ ବିଶ୍ୱ ଚାମ୍ପିଅନ ଲୋ କିନ୍ ୟୁଙ୍କୁ ୨୧-୧୭, ୧୦-୨୧, ୨୧-୧୩ ଗେମରେ ହରାଇଛନ୍ତି । ଏହା ସହ ତାଙ୍କର ବିଜୟ ଧାରା ୧୨ ମ୍ୟାଚରେ ପହଞ୍ଚିଛି । ସେମିଫାଇନାଲରେ ସେ ଡେନମାର୍କର ଆଣ୍ଡର୍ସ ଆଣ୍ଟୋନସେନ କିମ୍ବା ଚୀନର ଝୁ ସୁଆନ ଚେନଙ୍କୁ ଭେଟିବେ ।

କିଟକୁ ଅଲ୍ ଇଣ୍ଡିଆ ଆନ୍ତଃବିଶ୍ୱବିଦ୍ୟାଳୟ କବାଡ଼ି ଚାମ୍ପିଅନସିପ୍ ଯୋଗ୍ୟତା

ଭୁବନେଶ୍ୱର, ୨୦।୧୧(ସବ୍ୟୁ): ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କବାଡ଼ି ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି କିଟ୍ ବିଶ୍ୱବିଦ୍ୟାଳୟ ଲଗାତାର ତିନିଟି ମ୍ୟାଚ୍ରେ ବିଜୟ ହାସଲ କରିଛି । ଏହି ସଫଳତା ସହ ଦଳ ପ୍ରତିଯୋଗିତାର ସେମିଫାଇନାଲ୍ରେ ପ୍ରବେଶ କରିବା ସହ ଅଲ୍ ଇଣ୍ଡିଆ ଆନ୍ତଃବିଶ୍ୱବିଦ୍ୟାଳୟ କବାଡ଼ି ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି । କିଟ୍ ନିଜର ପ୍ରଥମ ମ୍ୟାଚ୍ରେ ଏସ୍.ସି.ୱାଇ. ବିଶ୍ୱବିଦ୍ୟାଳୟକୁ ୩୨-୧୭ ପଏଣ୍ଟରେ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଥିଲା । ଏହି ମ୍ୟାଚ୍ରେ ଦଳ ୧୫ ପଏଣ୍ଟର ବ୍ୟବଧାନରେ ବିଜୟୀ ହୋଇଥିଲା । ପରବର୍ତ୍ତୀ ମ୍ୟାଚ୍ରେ ଦୀନଦୟାଲ ଉପାଧ୍ୟାୟ ଗୋରଖପୁର



ବିଶ୍ୱବିଦ୍ୟାଳୟକୁ ୪୪-୨୫ ପଏଣ୍ଟରେ ହରାଇ ୧୯ ପଏଣ୍ଟର ବଡ଼ ବ୍ୟବଧାନରେ ବିଜୟହାସଲ କରିଥିଲା । ତୃତୀୟ ମ୍ୟାଚ୍ରେ କିଟ୍ର ମୁକାବିଲା ହୋଇଥିଲା ବାରାଣସୀର ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠ ସହ । ଏହି ମ୍ୟାଚ୍ଟି ଅଧିକ ସଂଘର୍ଷପୂର୍ଣ୍ଣ ରହିଥିଲା । ତେବେ ଚାପ ପରିସ୍ଥିତିରେ ଧୈର୍ଯ୍ୟ ଓ ଦୃଢ଼ତା ବଜାୟ ରଖି କିଟ୍ ଦଳ ୩୩-୨୮ ପଏଣ୍ଟରେ ବିଜୟୀ ହୋଇଥିଲା । ଏହି ତିନୋଟି ବିଜୟ ସହ କିଟ୍ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କବାଡ଼ି ପ୍ରତିଯୋଗିତାର ସେମିଫାଇନାଲ୍ରେ ସ୍ଥାନ ପକ୍କା କରିଛି । ଏଥିସହ ଦଳ ଅଲ୍ ଇଣ୍ଡିଆ ଆନ୍ତଃବିଶ୍ୱବିଦ୍ୟାଳୟ ଚାମ୍ପିଅନସିପ୍ରେ ଭାଗନେବାର ସୁଯୋଗ ପାଇଛି । କିଟ୍ର ଏହି ସଫଳତା ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଉତ୍କର୍ଷତା ପ୍ରତି ରହିଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଖେଳାଳିଙ୍କୁ ଉନ୍ନତ ପ୍ରଶିକ୍ଷଣ ସୁବିଧା, ବୃତ୍ତିଗତ ମାର୍ଗଦର୍ଶନ ଓ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ସୁଯୋଗ ଯୋଗାଇଦେବାରେ କିଟର ନିରନ୍ତର ଉଦ୍ୟମ ଏହି ସଫଳତାରେ ପ୍ରତିଫଳିତ ହୋଇଛି ।

କ୍ରିକେଟରେ ଧର୍ମ ରାଜନୀତି ଅଭିଯୋଗ



ନୂଆଦିଲ୍ଲୀ,୨୧।୧୧(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍ର ଚୂଡ଼ାନ୍ତ ଏକାଦଶରୁ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ ବାଦ୍ ପଡ଼ିବାକୁ ନେଇ ବିବାଦ ତୀବ୍ର ହୋଇଛି । ଦଳ ଚୟନରେ ଧର୍ମଗତ ଭେଦଭାବ ହୋଇଥିବା କଂଗ୍ରେସ ଅଭିଯୋଗ କରିଥିବା ବେଳେ ଏହାକୁ ଭୋଟ୍ ବ୍ୟାଙ୍କ ରାଜନୀତି ବୋଲି କହି ପାଲଟା ଜବାବ ଦେଇଛି ବିଜେପି । ଏହି ପ୍ରସଙ୍ଗକୁ ନେଇ ଉଭୟ ଦଳ ମଧ୍ୟରେ ରାଜନୈତିକ ବାକ୍ଯୁଦ୍ଧ ଆରମ୍ଭ ହୋଇଛି । କଂଗ୍ରେସ ସାଂସଦ ଇମ୍ରାନ ମସୁଦ ଏଏନ୍ଆଇକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ କେବଳ ସିରାଜଙ୍କ ନାମ ଯୋଗୁଁ ତାଙ୍କୁ ଦଳରେ ସ୍ଥାନ ମିଳିନାହିଁ । ଜଣେ ଖେଳାଳି ଭଲ ପ୍ରଦର୍ଶନ କରିବା ପରେ ମଧ୍ୟ ସୁଯୋଗ ନ ପାଇଲେ ତାହା ଭେଦଭାବର ସଙ୍କେତ ବୋଲି ସେ ମତ ଦେଇଛନ୍ତି । ଅନ୍ୟପକ୍ଷରେ ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଏହି ଅଭିଯୋଗକୁ ଖଣ୍ଡନ କରି କଂଗ୍ରେସକୁ ଟାର୍ଗେଟ୍ କରିଛନ୍ତି । କ୍ରିକେଟ୍ ଦଳ ଚୟନ ଭଳି ପ୍ରସଙ୍ଗରେ ମଧ୍ୟ କଂଗ୍ରେସ ଭୋଟ୍ ବ୍ୟାଙ୍କ ଓ ସାମ୍ପ୍ରଦାୟିକ ରାଜନୀତି କରୁଥିବା ସେ ଅଭିଯୋଗ କରିଛନ୍ତି । ଧର୍ମ ଆଧାରରେ ଦଳ ଚୟନ ହେଉଥିଲେ ରବୀନ୍ଦ୍ର ଜାଡେଜାଙ୍କୁ ମଧ୍ୟ ଦଳରୁ ବାଦ୍ ଦିଆଯାଇ ନଥାନ୍ତା ବୋଲି ସେ ଯୁକ୍ତି ରଖିଛନ୍ତି । ଖେଳାଳିମାନେ ଦେଶ ପାଇଁ ଖେଳନ୍ତି, ତେଣୁ କ୍ରିକେଟ୍କୁ ଧର୍ମ ଆଧାରରେ ବିଭାଜିତ କରିବା ଉଚିତ ନୁହେଁ ବୋଲି ସେ କହିଛନ୍ତି । ସିରାଜଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ନ ମିଳିବାକୁ ନେଇ କେତେକ ପୂର୍ବତନ କ୍ରିକେଟର ମଧ୍ୟ ମତ ରଖିଛନ୍ତି । ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର ଏହି ନିଷ୍ପତ୍ତିକୁ ଆଶ୍ଚର୍ଯ୍ୟଜନକ ବୋଲି କହିଛନ୍ତି । ସେହିପରି ପୂର୍ବତନ ମୁଖ୍ୟ ପ୍ରଶିକ୍ଷକ ରବି ଶାସ୍ତ୍ରୀ ସିରାଜଙ୍କ ଅଭିଜ୍ଞତା ଓ ପରିଶ୍ରମକୁ ବିଚାରକୁ ନେଇ ତାଙ୍କୁ ଦଳରେ ସାମିଲ କରାଯିବା ଉଚିତ ଥିଲା ବୋଲି ସୋସିଆଲ ମିଡିଆରେ ମତ ଦେଇଛନ୍ତି । ଏହି ଟେଷ୍ଟରେ ଭାରତ ଅଧିନାୟକ ଶୁଭମନ ଗିଲ୍ଙ୍କ ନେତୃତ୍ୱରେ ଚାରି ଜଣ ଦ୍ରୁତ ବୋଲରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇଛି । ଜସପ୍ରୀତ ବୁମ୍ରାଙ୍କ ସହ ପ୍ରସିଦ୍ଧ କୃଷ୍ଣା, ଆକାଶ ଦୀପ ଓ ଅଂଶୁଲ କାମ୍ବୋଜଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିଛି । ଦଳ ଚୟନକୁ ନେଇ ଅଧିନାୟକ ଗିଲ୍ କହିଛନ୍ତି ଯେ, ଗତ ଏକ ସପ୍ତାହ ଧରି ଦଳର ସନ୍ତୁଳନକୁ ନେଇ ଆଲୋଚନା ଚାଲିଥିଲା । ସମସ୍ତ ଦ୍ରୁତ ବୋଲର ଭଲ ଫର୍ମରେ ଥିବାରୁ ଚୂଡ଼ାନ୍ତ ଏକାଦଶ ବାଛିବା ସହଜ ନଥିଲା । ସିରାଜ ଓ ଗୁରନୁରଙ୍କ ଭଳି ଖେଳାଳିଙ୍କୁ ବାହାରେ ରଖିବା ନିଷ୍ପତ୍ତି କଷ୍ଟକର ଥିଲା ବୋଲି ସେ ସ୍ୱୀକାର କରିଛନ୍ତି । ଭାରତୀୟ ଦଳର ବ୍ୟାଟିଂ ପ୍ରଶିକ୍ଷକ ସୀତାଂଶୁ କୋଟାକ ମଧ୍ୟ ସିରାଜଙ୍କ ଦକ୍ଷତା ଉପରେ କୌଣସି ସନ୍ଦେହ ନଥିବା କହିଛନ୍ତି ।

ଶରଣକୁଳ ସର୍ବଭାରତୀୟ ଫୁଟବଲ : ଫାଇନାଲରେ ଫୁଲବାଣୀ

ଶରଣକୁଳ, ୨୦/୧୧(ସବ୍ୟୁ) : ଲଡୁକେଶ ଆଥଲେଟିକ ଆସୋସିଏସନ, ଶରଣକୁଳ ଦ୍ୱାରା ଆୟୋଜିତ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ୬୫ତମ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ୬ଷ୍ଠ ଦିବସ ଶୁକ୍ରବାର ୨ୟ ସେମିଫାଇନାଲ ଖେଳରେ ଫୁଲବାଣୀ ଏଫ୍.ଏ. ୪-୧ ଗୋଲରେ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ, ବରଗଡ଼କୁ ହରାଇ ଫାଇନାଲରେ ପ୍ରବେଶ କରିଛି । ବାତ୍ୟାର ଲଗାଣ ବର୍ଷା ପରେ ଆଜିର ଖେଳର ପ୍ରଥମାର୍ଦ୍ଧରେ ଫୁଲବାଣୀ ଦଳ ସୁନ୍ଦର ଭାବେ ଖେଳି ୧୩ତମ ମିନିଟରେ ୬ ନଂ ଖେଳାଳି ଦୀନବନ୍ଧୁଙ୍କ ଏକ ଗୋଲ, ୨୦ତମ ମିନିଟରେ ୨୪ନଂ ଖେଳାଳି ବାପୁନିଙ୍କ ଏକ ଗୋଲ ପରେ ୨୫ତମ ମିନିଟରେ ୧୦ନଂ ଖେଳାଳି ସୁରେଶଙ୍କ ଏକ ଗୋଲରେ ଦଳ ୩-୦ରେ ଅଗ୍ରଣୀ ରହିଥିଲା । ପରେ ଖେଳର ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳର ଖେଳାଳି ସୁନ୍ଦର ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ୨୬ତମ ମିନିଟରେ ଫୁଲବାଣୀର ୭ନଂ ଖେଳାଳି କବିରଙ୍କ ଏକ ଗୋଲରେ ଦଳ ୪- ୦ ରେ ଆଗୁଆ ରହିଥିଲା । ପରେ ବରଗଡ଼ ଦଳର ୨୨ନଂ ଖେଳାଳୀ ଅଜୟ ବରୁଆଙ୍କ ଏକ ଗୋଲରେ ଦଳ ୪-୧ ସ୍ଥିତିରେ ରହିଥିଲା । ଶେଷରେ ଫୁଲବାଣୀ ଦଳ ୪-୧ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ଆଜିର କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସତ୍ୟନାରାୟଣ ପ୍ରଧାନ ସଭା ପରିଚାଳନା ପରେ ଅତିଥି ଭାବେ ଯୋଗଦେଇଥିବା ବିଶିଷ୍ଟ ବ୍ୟବସାୟୀ ସନ୍ତୋଷ କୁମାର ପାତ୍ର, ସାମାଜିକ କର୍ମୀ ମାମୁନି ରୌଫଙ୍କୁ ସମ୍ବର୍ଦ୍ଧିତ କରିବା ପରେ କର୍ମକର୍ତ୍ତାଙ୍କ ଗହଣରେ ମଧ୍ୟାନ୍ତରରେ ପଡିଆରେ ରେଫେରୀ ଓ ଖେଳାଳିମାନଙ୍କ ସହ ପରିଚୟ ଆଦାନପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ । ପରିଶେଷରେ ଆଜିର ସର୍ବଶ୍ରେଷ୍ଠ ଖେଳାଳି ଭାବେ ଫୁଲବାଣୀର ଖେଳାଳି ଦୀନବନ୍ଧୁଙ୍କୁ ଟ୍ରଫି ସହ ଏକ ହଜାର ଟଙ୍କା ଏବଂ ବରଗଡ଼ ଦଳର ଅଜୟ ବାରୁଆଙ୍କୁ ୨ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ ।





ବିଶ୍ୱ ଚେସ୍ ଚାମ୍ପିଅନସିପରେ ସିନ୍ଦାରୋଭଙ୍କୁ ଭେଟିବେ ଗୁକେଶ

୨୪ରୁ ଜେନେଭାରେ ଟାଇଟଲ ଲଢ଼େଇ

ନୂଆଦିଲ୍ଲୀ, ୨୦/୧୧(ଏଜେନ୍ସି): ବିଶ୍ୱ ଚେସ୍ର ସର୍ବୋଚ୍ଚ ମୁକୁଟ ପାଇଁ ପୁଣି ଥରେ ଲଢ଼େଇ ଦେଖିବାକୁ ମିଳିବ । ଭାରତର ବିଶ୍ୱ ଚାମ୍ପିଅନ ଡି. ଗୁକେଶ ନିଜ ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ଉଜବେକିସ୍ତାନର ଜାଭୋଖିର ସିନ୍ଦାରୋଭଙ୍କୁ ଭେଟିବେ । ନଭେମ୍ବର ୨୪ରୁ ସ୍ୱିଜରଲ୍ୟାଣ୍ଡର ଜେନେଭାରେ ଆରମ୍ଭ ହେବ ଏହି ବିଶ୍ୱ ଚେସ୍ ଚାମ୍ପିଅନସିପ୍ ମୁକାବିଲା । ଉଭୟ ଖେଳାଳିଙ୍କ ବୟସ ୨୦ ବର୍ଷ ହୋଇଥିବାରୁ ବିଶ୍ୱ ଚାମ୍ପିଅନସିପ୍ ଇତିହାସରେ ଏହା ସବୁଠାରୁ ଯୁବ ଖେଳାଳିଙ୍କ ଟାଇଟଲ ଲଢ଼େଇ ହେବ । ୨୦୨୪ରେ ଚୀନର ଡିଙ୍ଗ ଲିରେନଙ୍କୁ ପରାସ୍ତ କରି ଗୁକେଶ ମାତ୍ର ୧୮ ବର୍ଷ ବୟସରେ ସର୍ବକନିଷ୍ଠ ଅବିଭକ୍ତ ବିଶ୍ୱ ଚାମ୍ପିଅନ ହେବାର ଗୌରବ ହାସଲ କରିଥିଲେ । ଏବେ ପ୍ରଥମ ଥର ପାଇଁ ନିଜ ବିଶ୍ୱ ଟାଇଟଲର ସୁରକ୍ଷା ପାଇଁ ସେ ଚେସ୍ ବୋର୍ଡକୁ ଓହ୍ଲାଇବେ । ଅନ୍ୟପଟେ ସିନ୍ଦାରୋଭ ଚଳିତ



ବର୍ଷର କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ ଜିତି ବିଶ୍ୱ ଚାମ୍ପିଅନଙ୍କୁ ଚ୍ୟାଲେଞ୍ଜ କରିବାର ସୁଯୋଗ ପାଇଛନ୍ତି । ଏହା ପୂର୍ବରୁ ସେ ବିଶ୍ୱକପ୍ ଟାଇଟଲ ମଧ୍ୟ ଜିତିଥିଲେ । ତେଣୁ ଉଚ୍ଚ ଆତ୍ମବିଶ୍ୱାସ ସହ ସେ ଗୁକେଶଙ୍କ ବିପକ୍ଷରେ ଖେଳିବାକୁ ଓହ୍ଲାଇବେ । ବିଶ୍ୱ ମାନ୍ୟତା ଓ ରେଟିଂ ଦୃଷ୍ଟିରୁ ସିନ୍ଦାରୋଭ ଏବେ ଗୁକେଶଙ୍କଠାରୁ ଆଗରେ ଅଛନ୍ତି । ସିନ୍ଦାରୋଭଙ୍କ ରେଟିଂ ୨୭୮୨ ଥିବାବେଳେ ଗୁକେଶଙ୍କ ରେଟିଂ ୨୭୧୦ । ବିଶ୍ୱ ମାନ୍ୟତାରେ ସିନ୍ଦାରୋଭ ଚତୁର୍ଥ ଏବଂ ଗୁକେଶ ୨୬ତମ ସ୍ଥାନରେ ରହିଛନ୍ତି । ବିଶ୍ୱ ଚାମ୍ପିଅନ ହେବା ପରଠାରୁ ଗୁକେଶଙ୍କ ପ୍ରଦର୍ଶନରେ କିଛିଟା ଅବନତି ଦେଖାଦେଇଛି । ଅନ୍ୟପଟେ ସିନ୍ଦାରୋଭ ଚଳିତ ବର୍ଷ ଲଗାତାର ସଫଳତା ହାସଲ କରି ନିଜ ରେଟିଂ ଓ ମାନ୍ୟତାରେ ଉନ୍ନତି ଆଣିଛନ୍ତି । ତେବେ ଗୁକେଶଙ୍କ ଅଭିଜ୍ଞତା ଓ ଚାପରେ ଖେଳିବାର କ୍ଷମତା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ । ଏହି ଲଢ଼େଇ ପୂର୍ବରୁ ଚେସ୍ କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦ ଗୁକେଶଙ୍କୁ ଖେଳକୁ ଉପଭୋଗ କରିବା ସହ ଅଯଥା ଚାପ ନ ନେବାକୁ ପରାମର୍ଶ ଦେଇଛନ୍ତି ।

୧୪ଟି କ୍ଲାସିକାଲ ଗେମରେ ହେବ ଲଢ଼େଇ : ଚାମ୍ପିଅନସିପ୍ରେ ସର୍ବାଧିକ ୧୪ଟି କ୍ଲାସିକାଲ ଗେମ୍ ଖେଳାଯିବ । ଯେଉଁ ଖେଳାଳି ପ୍ରଥମେ ୭.୫ ପଏଣ୍ଟ ହାସଲ କରିବେ, ସେ ବିଶ୍ୱ ଚାମ୍ପିଅନ ହେବେ । ୧୪ଟି ଗେମ୍ ପରେ ଉଭୟଙ୍କ ପଏଣ୍ଟ ୭-୭ ରହିଲେ ଟାଇବ୍ରେକର ଜରିଆରେ ବିଜେତା ନିର୍ଣ୍ଣୟ କରାଯିବ । ପ୍ରତ୍ୟେକ ଗେମରେ ପ୍ରଥମ ୪୦ଟି ଚାଲ୍ ପାଇଁ ୧୨୦ ମିନିଟ୍ ସମୟ ମିଳିବ । ଏହାପରେ ଅବଶିଷ୍ଟ ଖେଳ ପାଇଁ ୩୦ ମିନିଟ୍ ଦିଆଯିବ । ୪୧ତମ ଚାଲରୁ ପ୍ରତ୍ୟେକ ଚାଲ୍ ପାଇଁ ୩୦ ସେକେଣ୍ଡ ଅତିରିକ୍ତ ସମୟ ଯୋଡ଼ାଯିବ । ଏହି ପ୍ରତିଯୋଗିତାର ମୋଟ ପୁରସ୍କାର ରାଶି ୨୫ ଲକ୍ଷ ଆମେରିକୀୟ ଡଲାର । ପ୍ରତ୍ୟେକ ଗେମ୍ ଜିତିଲେ ଖେଳାଳିଙ୍କୁ ୨ ଲକ୍ଷ ଡଲାର ମିଳିବ । ଅବଶିଷ୍ଟ ରାଶି ଉଭୟଙ୍କ ମଧ୍ୟରେ ବଣ୍ଟନ ହେବ । ଟାଇବ୍ରେକରରେ ବିଜୟୀ ହେଲେ ଚାମ୍ପିଅନଙ୍କୁ ୧୩ ଲକ୍ଷ ଡଲାର ଓ ରନର୍ସଅପଙ୍କୁ ୧୨ ଲକ୍ଷ ଡଲାର ମିଳିବ ।



Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Dr. Gurukalyan Mohapatra,ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି